ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୧୭, ସଂଖ୍ୟା: ୨୨୬
୨୩ ଡିସେମ୍ବର, ୨୦୨୫ ମଙ୍ଗଳବାର
କେନ୍ଦ୍ରାପଡ଼ା

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

Pages-8
Price ₹ 5.00
Vol. 17, Issue No. : 226
23rd December, 2025 Tuesday
Kendrapara

ODISHA EXPRESS    SIGHTS TRUTH WRITES TRUTH    ଠିକ୍ ଦେଖେ ଠିକ୍ ଲେଖେ

Website : www.odishaexpress.in    E-mail : odishaexpress@gmail.com    RNI Regd. No. ODIODI/2009/28880    ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

## ନୀତି ବାଣୀ

ଈଶା ବାସ୍ୟମିଦଁ ସର୍ବଂ ଯତ୍କିଞ୍ଚ ଜଗତ୍ୟାଂ ଜଗତ୍ ।
ତେନ ତ୍ୟକ୍ତେନ ଭୁଞ୍ଜିଥା ମା ଗୃଧଃ କସ୍ୟ ସ୍ୱିଦ୍ ଧନମ୍

ଅଖିଳ ବ୍ରହ୍ମାଣ୍ଡରେ ଯାହା କିଛି ବି ଜଡ଼ ଚେତନା ରୂପ ଜଗତ୍ ଅଛି ଏହା ସମସ୍ତ ଈଶ୍ୱରଙ୍କ ଦ୍ୱାରା ବ୍ୟାପ୍ତ ଅଟେ । ସେହି ଈଶ୍ୱରଙ୍କ ସହିତ ରହି ତ୍ୟାଗ ପୂର୍ବକ ତାହାକୁ ଭୋଗକର । ଏହା ସହିତ ଆସକ୍ତ ହୁଅନାହିଁ । କାରଣ ଧନ-ଭୋଗ ପଦାର୍ଥ । କାହାରି ମଧ୍ୟ ନୁହେଁ ।

# ୧ ରୁ କଡ଼ାକଡ଼ି ପିୟୁସି ଯାଞ୍ଚ

**ଭୁବନେଶ୍ୱର,୨୨।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଜାନୁଆରୀ ୧ରୁ ହେବ କଡ଼ାକଡ଼ି ହେବ ପଲ୍ୟୁସନ ସାର୍ଟିଫିକେଟର ଯାଞ୍ଚ । ଏହି ଅଭିଯାନ ଜାନୁଆରୀ ୩୧ ଯାଏ ଚାଲିବ । ଯାଞ୍ଚରେ ଯେଉଁ ଗାଡ଼ିର ବୈଧ ପିୟୁସି ନଥିବ, ସେମାନଙ୍କୁ ପେଟ୍ରୋଲ ଡିଜେଲ ମିଳିବନି । ଏନେଇ ସୋମବାର ପରିବହନ ବିଭାଗ, ତୈଳ କମ୍ପାନି ଓ ଡିଲର ସଂଘ ମଧ୍ୟରେ ବୈଠକ ପରେ ସୂଚନା ଦେଇଛନ୍ତି ପରିବହନ କମିଶନର ଅମିତାଭ ଠାକୁରଙ୍କ ସୂଚନା ଦେଇଛନ୍ତି ।

ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ, ଭୁବନେଶ୍ୱର-୧ ସମ୍ମିଳନୀ କକ୍ଷରେ ପରିବହନ ଆୟୁକ୍ତ ଅମିତାଭ ଠାକୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ତୈଳ କମ୍ପାନୀ ଓ ଡିଲର ଆସୋସିଏନ ପ୍ରତିନିଧି ଯୋଗ ଦେଇଥିଲେ । ବୈଠକରେ ମୋଟର ଯାନ ଆଇନର ଅନୁପାଳନ ଓ ପରିବେଶ ସୁରକ୍ଷା ପାଇଁ ପଦକ୍ଷେପକୁ ସମସ୍ତେ ସ୍ୱାଗତ କରିଥିଲେ । ପରିବେଶ ସୁରକ୍ଷା ସମସ୍ତଙ୍କ ଦାୟିତ୍ୱ, ତେଣୁ ଏ ଦିଗରେ ଜନସାଧାରଣଙ୍କ ସହଯୋଗ କାମନା କରାଯାଇଥିଲା । ଏହାସହ ବୈଠକରେ ସର୍ବସମ୍ମତି କ୍ରମେ କୁହାଯାଇଛି ଯେ, ଆଗାମୀ ଦିନରେ ପ୍ରଦୂଷଣ ପ୍ରମାଣପତ୍ର କରିବା ପାଇଁ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯିବ । ପ୍ରଦୂଷଣ ପ୍ରମାଣପତ୍ର ନ ଥିଲେ ଇନ୍ଧନ ମନା ନିଷ୍ପତ୍ତି କାର୍ଯ୍ୟକାରୀ କରିବା ପୂର୍ବରୁ ଅନ୍ତତଃ ୧୫ ଦିନ ଧରି ଏହି ସଚେତନତାକୁ ବ୍ୟାପକ କରାଯିବ । ଏହାସତ୍ତ୍ୱେ ବି ଯେଉଁମାନେ ବୈଧ ପ୍ରଦୂଷଣ ପ୍ରମାଣପତ୍ର ନ କରିବେ, ଆଗାମୀ ଦିନରେ ତାଙ୍କୁ ପେଟ୍ରୋଲ ପମ୍ପରେ ଇନ୍ଧନ ଦେବାକୁ ମନା କରାଯିବ ।

ସମସ୍ତେ ପ୍ରଦୂଷଣ ପ୍ରମାଣପତ୍ର କେନ୍ଦ୍ରକୁ ମଧ୍ୟ କୁହାଯିବ, ସେମାନେ ଗାଡ଼ିରେ ଷ୍ଟିକର ଲଗାଇ ପ୍ରଦୂଷଣ ପ୍ରମାଣପତ୍ରର ବୈଧତା ଉଲ୍ଲେଖ କରିବେ । ସେହିଭଳି ପ୍ରଦୂଷଣ ପ୍ରମାଣପତ୍ର ଯାଞ୍ଚର ଅନ୍ୟ ଦିଗଗୁଡ଼ିକ ସଂପର୍କରେ ମଧ ପେଟ୍ରୋଲ ପମ୍ପ କର୍ମଚାରୀ ଓ ଜନସାଧାରଣଙ୍କୁ ସଚେତନତା କାର୍ଯ୍ୟକ୍ରମ ଜରିଆରେ ଅବଗତ କରାଯିବ । ଏହି ନିଷ୍ପତ୍ତି ପରିବେଶ ସୁରକ୍ଷାର ମହତ୍ ଉଦ୍ଦେଶ୍ୟ ରଖି ଗ୍ରହଣ କରାଯାଇଥିବାରୁ, ସମସ୍ତେ ଏଥିରେ ସହଯୋଗ କରିବାକୁ ନିବେଦନ କରାଯାଇଛି । ଆଇନ ପାଳନ ସମସ୍ତଙ୍କ ଗୁରୁ ଦାୟିତ୍ୱ । ଏପରିକି ନୈତିକତା ଦୃଷ୍ଟିରୁ ମଧ *(ଶେଷ ପୃଷ୍ଠା ଦେଖନ୍ତୁ)*




### ୧୫ ଦିନ ସଚେତନତା କରାଯିବ

## ବାଧ୍ୟବାଧକତାରେ ଘୋଷଣା କରିଥିଲୁ

# ଏବେ ପୂରଣ କରିବା ଅସମ୍ଭବ

**ନୂଆଦିଲ୍ଲୀ,୨୨।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

ଘୋଷଣା କରିଥିଲୁ । ହେଲେ ପୂରଣ କରିପାରିବୁ ନାହିଁ । ଏଭଳି କହି ହାତ ଟେକିଦେଲେ ମଧ୍ୟପ୍ରଦେଶ ସରକାରଙ୍କ ମନ୍ତ୍ରୀ କୈଳାସ ବିଜୟବର୍ଗୀୟ । ତାଙ୍କର ଏହି ବୟାନ ଏବେ ରାଜନୈତିକ ମହଲରେ ଆଲୋଡ଼ନ ସୃଷ୍ଟି କରିଛି । ଭୋପାଳରେ ଅନୁଷ୍ଠିତ ଏକ ଆଞ୍ଚଳିକ ସହରାଞ୍ଚଳ ବିକାଶ ସମୀକ୍ଷା ବୈଠକରେ ମନ୍ତ୍ରୀ କୈଳାସ ବିଜୟବର୍ଗୀୟ ସ୍ପଷ୍ଟ ଭାବରେ କହିଛନ୍ତି ଯେ, ରାଜନୈତିକ ବାଧ୍ୟବାଧକତା ଯୋଗୁଁ ପୂର୍ବରୁ ଅନେକ ଘୋଷଣା କରାଯାଇଥିଲା । କିନ୍ତୁ ସେଗୁଡ଼ିକୁ କାର୍ଯ୍ୟକାରୀ କରିବା ଏବେ ଏକ ବଡ ଚ୍ୟାଲେଞ୍ଜ ପାଲଟିଛି । ବିଭିନ୍ନ ସହରାଞ୍ଚଳ ବିକାଶ ପ୍ରକଳ୍ପକୁ ଆଗକୁ ବଢ଼ାଇବା ପାଇଁ କେନ୍ଦ୍ର ସରକାରଙ୍କଠାରୁ ପର୍ଯ୍ୟାପ୍ତ ପାଣ୍ଠିର ଆବଶ୍ୟକତା ରହିଛି ।



କୈଳାସ ବିଜୟବର୍ଗୀୟ କହିଛନ୍ତି ଯେ, ସହରୀକରଣ ଦ୍ରୁତ ଗତିରେ ବୃଦ୍ଧି ପାଉଛି ଏବଂ ଏହା ସହିତ ନାଗରିକଙ୍କ ଚାହିଦା ମଧ ସମାନ ଭାବରେ ବୃଦ୍ଧି ପାଇଛି । ତେଣୁ, ରାସ୍ତା, ଜଳ ଯୋଗାଣ, ସ୍ୱେରେଜ, ଗୃହ ଏବଂ ପରିବହନ ଭଳି ମୌଳିକ ଆବଶ୍ୟକତା ପୂରଣ କରିବା ରାଜ୍ୟ ସରକାରଙ୍କ ପାଇଁ ପ୍ରାଥମିକତା । କେବଳ ରାଜ୍ୟ ସମ୍ବଳ *(ଶେଷ ପୃଷ୍ଠା ଦେଖନ୍ତୁ)*

# ୩ ଲକ୍ଷ ପାର୍ କରିବ ସୁନା !



**ନୂଆଦିଲ୍ଲୀ,୨୨।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

ଆମେରିକୀୟ ଅର୍ଥନୀତିଜ୍ଞ ଏବଂ ପ୍ରସିଦ୍ଧ ବଜାର ରଣନୀତିଜ୍ଞ ଏଡ ୟାରଡେନି ବିଶ୍ୱାସ କରନ୍ତି ଯେ ଏହି ଦଶନ୍ଧିର ଶେଷ ସୁଦ୍ଧା ସୁନାରେ ଏକ ଗୁରୁତ୍ୱପୂର୍ଣ୍ଣ ବୃଦ୍ଧି ଘଟିପାରେ । ରିପୋର୍ଟ ଅନୁଯାୟୀ, ୟାରଡେନି ରିସର୍ଚ୍ଚର ସଭାପତି ୟାରଡେନି କହିଛନ୍ତି ଯେ ୨୦୨୯ ସୁଦ୍ଧା ସୁନାର ମୂଲ୍ୟ ଆଉନ୍ସ ପ୍ରତି ୧୦,୦୦୦ ଡଲାରରେ ପହଞ୍ଚିପାରେ ।

ଏହି ଆକଳନ ତାଙ୍କର ଦୀର୍ଘକାଳୀନ "ରୋରିଂ ୨୦୨୦ଏସ୍" ଦୃଷ୍ଟିକୋଣ ସହିତ ସମାନ । ସେ ପ୍ରମୁଖ ଆମେରିକୀୟ ଷ୍ଟକ ବଜାର ସୂଚକାଙ୍କ ଏସଆଣ୍ଡପି ୫୦୦ ପାଇଁ ଉଚ୍ଚ ସ୍ତରର ପୂର୍ବାନୁମାନ ମଧ କରିଛନ୍ତି । ବର୍ତ୍ତମାନ, ନ୍ୟୁୟର୍କ ସ୍ଥିତ କମେକ୍ସରେ ସୁନାର ମୂଲ୍ୟ ପ୍ରତି ଆଉନ୍ସ ପ୍ରାୟ ୪,୪୦୦ ଡଲାର ରହିଛି । ଡିସେମ୍ବର ୨୨ ତାରିଖରେ ସୁନା ଏହି ସ୍ତରରେ ଏକ ରେକର୍ଡ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି । ଏହି ବୃଦ୍ଧି ଆମେରିକା ଫେଡେରାଲ ରିଜର୍ଭ ଦ୍ୱାରା ଆହୁରି ସୁଧ ହାର ହ୍ରାସ ଆଶା ଦ୍ୱାରା ପରିଚାଳିତ ।

ଏହା ବ୍ୟତୀତ, ଏକ ସୁରକ୍ଷିତ ସମ୍ପତ୍ତି ଭାବରେ ସୁନାର ପ୍ରବଳ ଚାହିଦା ରହିଛି । ଡଲାରର ଦୁର୍ବଳତାକୁ ଏକ ପ୍ରମୁଖ କାରଣ ଭାବରେ ବିବେଚନା କରାଯାଏ । ୨୦୨୫ରେ ଏପର୍ଯ୍ୟନ୍ତ ସୁନା ମୂଲ୍ୟ ପ୍ରାୟ ୬୭ ପ୍ରତିଶତ ବୃଦ୍ଧି ପାଇଛି । ଆନ୍ତର୍ଜାତୀୟ ବଜାରରେ ସୁନାର ମୂଲ୍ୟ ବର୍ତ୍ତମାନ ପ୍ରତି ଆଉନ୍ସ ୪,୪୧୦ ଡଲାର ରହିଛି । ଯଦି ସୁନା ୪,୪୧୦ ଡଲାରରୁ ୧୦,୦୦୦ ଡଲାରକୁ ବୃଦ୍ଧି ପାଏ, ତେବେ ଏହା ପ୍ରାୟ ୧୨୭% ବୃଦ୍ଧି ହେବ । ଏହାର ଅର୍ଥ ହେଉଛି ସୁନାର ମୂଲ୍ୟ ପ୍ରାୟ ଅଢେଇ ଗୁଣ ବୃଦ୍ଧି ପାଇବ । ଭାରତୀୟ ବଜାରରେ, ମଲ୍ଟି କମୋଡିଟି ଏକ୍ସଚେଞ୍ଜରେ ସୁନାର ମୂଲ୍ୟ (ଆଜି ସୁନା ମୂଲ୍ୟ) ୧,୩୫,୮୯୦ ଟଙ୍କା । ଯଦି ଏହା ୨୦୨୯ସୁଦ୍ଧା ୧୨୭% ବୃଦ୍ଧି ପାଏ, ତେବେ ମୂଲ୍ୟ ପ୍ରାୟ ୩.୦୮ ଲକ୍ଷ ଟଙ୍କା ହେବ ।

## ୨୪ ଏନଏସି ଓ ୫ ମ୍ୟୁନିସିପାଲଟି ପାଇଁ ବିଜ୍ଞପ୍ତି

**ଭୁବନେଶ୍ୱର,୨୨।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟର ୨୪ ନୂଆ ଏନଏସି ଓ ୫ ମ୍ୟୁନିସିପାଲଟି ପାଇଁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ କରିଛନ୍ତି ରାଜ୍ୟ ସରକାର । ପାଲଲହଡା, ସିମୁଳିଆ, ସୋହେଲା, ତିହିଡି, ଧୂଷୁରୀ, ସାଲେପୁର, ବଡମ୍ବା, ନରସିଂହପୁର, ଗନ୍ଧିଆଁ, ଜଗନ୍ନାଥପ୍ରସାଦ, ପ୍ରାତପୁର, ନର୍ଲା, ଜୟପାଟଣା, ଖୋର୍ଦ୍ଧାର ଟାଙ୍ଗୀ, ବୋରିଗୁମ୍ମା, ବେତନଟୀ, ବାଙ୍ଗିରିପୋଡି, ଚିତ୍ରଡା, କପ୍ତିପଦା, ରାସଗୋବିନ୍ଦପୁର, ବିଷମକଟକ, ବାମରା, ରେଙ୍ଗାଲୀ, ବୀରମହାରାଜପୁର ନୂଆ ଏନଏସି ହେବ । *(ଶେଷ ପୃଷ୍ଠା ଦେଖନ୍ତୁ)*

# ଲଜ୍ଜା: ଟ୍ରେନ୍ ଟଏଲଟ୍‌ରେ ଯାତ୍ରା କଲେ ଓଡ଼ିଶା ଖେଳାଳି

**ଭୁବନେଶ୍ୱର,୨୨।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଓଡ଼ିଶାର କ୍ରୀଡ଼ା ଭବିଷ୍ୟତ କୁହାଯାଉଥିବା ଯୁବ କୁସ୍ତି ପ୍ରତିଭାମାନଙ୍କ ଅପମାନଜନକ ଯାତ୍ରାର ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଉତ୍ତରପ୍ରଦେଶର ବାଲିଆଠାରେ ଆୟୋଜିତ ୬୯ତମ ଜାତୀୟ ବିଦ୍ୟାଳୟ କୁସ୍ତି ପ୍ରତିଯୋଗିତାରେ ଭାଗ ନେବାକୁ ଯାଇଥିବା ଓଡ଼ିଶାର ୧୮ ଜଣ ଖେଳାଳି ଟ୍ରେନର ଟଏଲଟ୍ ପାଖରେ ବସି ଯାତ୍ରା କରୁଥିବା ଦେଖିବାକୁ ମିଳିଛି । ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏହି ଖେଳାଳିମାନଙ୍କୁ (୧୦ ପୁଅ ଓ ୮ ଝିଅ) ଜାତୀୟ ସ୍ତରର ପ୍ରତିଯୋଗିତା ପାଇଁ ପଠାଯାଇଥିଲା । ମାତ୍ର ସେମାନଙ୍କ ପାଇଁ କୌଣସି କନଫର୍ମ ଟିକେଟ୍ କରାଯାଇନଥିବା ଅଭିଯୋଗ ହୋଇଛି । ଏହି ହାଡ଼ଭଙ୍ଗା ଶୀତରେ ଖେଳାଳିମାନେ ଟ୍ରେନର ଜେନେରାଲ ବଗିରେ ଟଏଲଟ୍ ପାଖରେ ବସି ପ୍ରାୟ ୧୨୦୦ କିଲୋମିଟର ଯାତ୍ରା କରିବାକୁ ବାଧ ହୋଇଥିଲେ । ଏପରିକି ଯିବା ଓ ଆସିବା ସମୟରେ ମଧ ସେମାନଙ୍କୁ ସମାନ ପରିସ୍ଥିତିର ସାମ୍ନା କରିବାକୁ ପଡ଼ିଥିଲା ।

ଖେଳାଳିଙ୍କ ସହ ଯାଇଥିବା ଶିକ୍ଷକମାନେ ଅଭିଯୋଗ କରିଛନ୍ତି ଯେ, କଟକର ଜଣେ ମ୍ୟାନେଜରଙ୍କ ଦାୟିତ୍ୱହୀନତା ଯୋଗୁଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି । ଅନ୍ୟପଟେ ଅଭିଭାବକମାନେ ପ୍ରଶ୍ନ କରିଛନ୍ତି, "ଯଦି ଦେଶ ପାଇଁ ଖେଳୁଥିବା ଖେଳାଳିଙ୍କୁ ସର୍ବନିମ୍ନ ସୁବିଧା ମିଳିବ ନାହିଁ, ତେବେ ସେମାନେ କିଭଳି ପଦକ ଜିତିବେ ?" ଭିଡିଓଟି ଭାଇରାଲ ହେବା ପରେ ଏବଂ ଚାରିଆଡୁ ସମାଲୋଚନାର ଶିକାର ହେବା ପରେ ଖେଳ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହି ଘଟଣାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି । କେଉଁ ପରିସ୍ଥିତିରେ ଖେଳାଳିମାନଙ୍କୁ ଏଭଳି ଅମାନୁଷିକ ଭାବେ ନିଆଗଲା ଏବଂ ଏଥିପାଇଁ କିଏ ଦାୟୀ, ତାହାର ତଦନ୍ତ ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି । ଖୁବଶୀଘ୍ର ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ମିଳିଛି । ରାଜ୍ୟ ପ୍ରଶାସନ ପକ୍ଷରୁ କ୍ରୀଡ଼ା ଭିତ୍ତିଭୂମି ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଥିବା ବେଳେ, ବାସ୍ତବରେ ଖେଳାଳିମାନେ ଏଭଳି ଅବହେଳାର ଶିକାର ହେବା ଲଜ୍ଜାଜନକ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି ।

## ୮ରୁ ୧୦ ପର୍ଯ୍ୟନ୍ତ ଭିତରକନିକା ବନ୍ଦ

**ରାଜନଗର,୨୨।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**


ବିଶ୍ୱ ପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନରେ ପୂର୍ବବର୍ଷ ଭଳି ଏ ବର୍ଷ କୁମ୍ଭୀର ଗଣନା କରାଯିବ । ୨୦୨୬ ମସିହା ଜାନୁୟାରୀ ୮ ତାରିଖଠାରୁ ୧୦ତାରିଖ ପର୍ଯ୍ୟନ୍ତ ଗଣନା କରାଯାଉଥିବାରୁ ପର୍ଯ୍ୟଟକମାନଙ୍କ ପାଇଁ ଜାତୀୟ ଉଦ୍ୟାନ ବନ୍ଦ ରହିବ ବୋଲି ବନଖଣ୍ଡ ଅଧିକାରୀ ଭରଦରାଜ ଗାଓଁକାର ସୂଚନା ଦେଇଛନ୍ତି । ଏହି ସମୟରେ ଭିତରକନିକାକୁ ଆସୁଥିବା ଦେଶ ବିଦେଶର ପର୍ଯ୍ୟଟକମାନଙ୍କୁ ଆସିବାକୁ ବାରଣ କରାଯାଇଛି । ଶୀତ ସହ ଅମାବାସ୍ୟା ତିଥିକୁ ଦୃଷ୍ଟିରେ ରଖି କୁମ୍ଭୀର ଗଣନା ପାଇଁ ସମୟ ସ୍ଥିର କରାଯାଇଥାଏ । ଶୀତ ଅଧିକ ହେଲେ ଛୋଟରୁ ବଡ ପର୍ଯ୍ୟନ୍ତ ସବୁ କୁମ୍ଭୀର ନଦୀପଠାରେ ଖରା ଖାଇବାକୁ ପଡି ରହିଥାନ୍ତି । ଭିତରକନିକାର ନଦୀନାଳଗୁଡିକ ମୁଖ୍ୟତଃ ଜୁଆରିଆ ହୋଇଥିବାରୁ ଅଧିକ ଭଟ୍ଟା ରହୁଥିବା ଅମାବାସ୍ୟା ତିଥି ପରେ ଉଚ୍ଚ ଜୁଆର ନଆସିବା ଯୋଗୁଁ ନଦୀପଠା ବୁଡିନଥାଏ । ଏହି ସମୟରେ ଦିନ ଓ ରାତିରେ କୁମ୍ଭୀର ଗଣନା କରିବା ପାଇଁ ସୁବିଧା ହୋଇଥାଏ । ମୁଖ୍ୟତଃ ପର୍ଯ୍ୟଟକମାନେ ବୋଟରେ ଆସିବା ସମୟରେ କୁମ୍ଭୀରମାନେ ନଦୀପଠାରୁ ନଦୀ ଭିତରକୁ ଚାଲି ଯାଆନ୍ତି । ପର୍ଯ୍ୟଟକମାନଙ୍କୁ ବନ୍ଦ କରାଯାଇ ଆହୁଲାମରା ଡଙ୍ଗା ସାହାଯ୍ୟରେ କୁମ୍ଭୀର ଗଣନା କରାଯାଇଥାଏ । ବିଶେଷଜ୍ଞ ଗଣନାକାରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିବା ପରେ ଗଣନାକାରୀ ଦଳ ଗଠନ କରାଯାଇ କୁମ୍ଭୀର ଗଣନା ଆରମ୍ଭ କରାଯିବ ବୋଲି ଜଣାପଡିଛି ।

# ପ୍ରେମିକ ସହ ମିଶି ସ୍ୱାମୀକୁ ଗ୍ରାଇଣ୍ଡରରେ ଖଣ୍ଡଖଣ୍ଡ କରିଦେଲା ସ୍ତ୍ରୀ

**ସମ୍ବଲ,୨୨।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ମେରଠ ପରେ ଏବେ ସମ୍ବଲରେ ପ୍ରେମିକ ସହ ମିଶି ସ୍ୱାମୀକୁ ନିର୍ମମ ହତ୍ୟା କଲା ସ୍ତ୍ରୀ । ସ୍ୱାମୀର ଶରୀରକୁ ଖଣ୍ଡଖଣ୍ଡ କରିବା ପରେ ପ୍ୟାକ୍ କରି ଫୋପାଡ଼ି ଦେଲା । ଉତ୍ତର ପ୍ରଦେଶର ସମ୍ବଲ ଜିଲ୍ଲାର ଚନ୍ଦୌସି କୋତୱାଲି ଅଞ୍ଚଳରେ ଏକ ଚାଞ୍ଚଲ୍ୟକର ହତ୍ୟାକାଣ୍ଡ ସାମ୍ନାକୁ ଆସିଛି । ଜଣେ ମହିଳା ତା'ର ପ୍ରେମିକ ଏବଂ ସହଯୋଗୀମାନଙ୍କ ସହିତ ମିଶି ନିଜ ସ୍ୱାମୀଙ୍କ ହାତଗୋଡ଼କୁ ଗ୍ରାଇଣ୍ଡରରେ କାଟି ନିର୍ମମ ଭାବରେ ହତ୍ୟା କରିଛି । ହତ୍ୟା ପରେ, ତାଙ୍କ ପରିଚୟ ଲୁଚାଇବା ପାଇଁ ମୃତଦେହକୁ ଖଣ୍ଡଖଣ୍ଡ କରି ଫୋପାଡ଼ି ଦେଇଥିବା ଜଣାପଡ଼ିଛି । ପୋଲିସ ମୃତକଙ୍କ କଟା ହାତଗୋଡ଼ ଏବଂ ମୁଣ୍ଡ ଉଦ୍ଧାର କରିଛି । ଅଭିଯୁକ୍ତ ସ୍ତ୍ରୀକୁ ଗିରଫ କରିଛି । ହତ୍ୟା କରିବାରେ ମହିଳାକୁ ସହାୟତା କରିଥିବା ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ମଧ ଗିରଫ କରିଛି ପୋଲିସ ।

### ଗୁମର ଖୋଲିଲା ୧୦ ବର୍ଷର ଝିଅ



ଡିସେମ୍ବର ୧୫ ତାରିଖ ସକାଳେ ପାଟରାଉଆର ଇଦଗାହ ନିକଟ ଏକ ନାଳରେ ଜଣେ ଯୁବକଙ୍କ ବିକୃତ ମୃତଦେହ ମିଳିବା ପରେ ଏହି ଘଟଣା ସାମ୍ନାକୁ ଆସିଥିଲା । ସୂଚନା ପାଇ ଇନ୍ସପେକ୍ଟର ଅନୁଜ ତୋମାର ଏବଂ ମନୋଜ କୁମାର ସିଂହ ଘଟଣାସ୍ଥଳରେ ପହଞ୍ଚିଥିଲେ । ତଦନ୍ତରୁ ଜଣାପଡିଛି ଯେ, ଯୁବକ ଜଣଙ୍କ ୩୫ ବର୍ଷୀୟ ରାହୁଲ । ସେ ରାଜପୁରା ଥାନା ଅଞ୍ଚଳର ଗନ୍ନା ନଗର ନିବାସୀ ଜସୱନ୍ତଙ୍କ ପୁଅ । ମୃତଦେହର ହାତରେ 'ରାହୁଲ' ନାଁରେ ଏକ ଟାଟୁ ଥିଲା । ଫଳରେ ମୃତଦେହ ଚିହ୍ନଟ ସହଜ ହୋଇଥିଲା ।

ମୃତ ରାହୁଲ ୧୫ ବର୍ଷ ପୂର୍ବେ ଚନ୍ଦୌସିର ମୋହଲ୍ଲା ଚୁନି ନିବାସୀ ରୁବିକୁ ବିବାହ କରିଥିଲେ । ଦମ୍ପତିଙ୍କର ଦୁଇଟି ସନ୍ତାନ ୧୦ ବର୍ଷର ଝିଅ ଏବଂ ଏକ ୧୨ ବର୍ଷର ପୁଅ ଅଛନ୍ତି । ରାହୁଲ ଜଣେ ଜୋତା ବ୍ୟବସାୟୀ ଥିଲେ ଏବଂ ନଭେମ୍ବର ୧୮ ତାରିଖରୁ ନିଖୋଜ ଥିଲେ । ତାଙ୍କ ସ୍ତ୍ରୀ ରୁବି ନଭେମ୍ବର ୨୪ ତାରିଖରେ ଚନ୍ଦୌସି ଥାନାରେ ଏକ ନିଖୋଜ ରିପୋର୍ଟ ଦାଖଲ କରିଥିଲା । ତଦନ୍ତ ସମୟରେ ରୁବିର ଭୂମିକା ସନ୍ଦେହ ଘେରକୁ *(ଶେଷ ପୃଷ୍ଠା ଦେଖନ୍ତୁ)*

# ଜାଗା ସୀମା ନିର୍ଦ୍ଧାରଣକୁ ନେଇ ବଢୁଛି ଅପରାଧିକ ମାମଲା

**ପଟ୍ଟାମୁଣ୍ଡାଇ,୨୨।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଐତିହାସିକ ସାବକ ନକସା ନୂଆକୁ ପରିବର୍ତ୍ତ ହେବାରୁ କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ଅଂଚଳର ଏକାଧିକ ସ୍ଥାନରେ ଭାଇ ଭାଇ ପଡା ପଡୋଶୀରେ ବିବାଦ ଲାଗିରହୁଛି । ଏଥିନେଇ ଅପରାଧିକା ମାମଲା ମଧ୍ୟ ବଢିବାରେ ଲାଗିଛି । ହାଲ ସାବିକ ନକ୍ସା ସଂଶୋଧନ ପାଇଁ ରାଜ୍ୟ ରାଜସ୍ୱ ଅଧିକାରୀ କିମ୍ବା ସ୍ଥାନୀୟ ତସିଲଦାରଙ୍କ ନିକଟରେ ଆବେଦନ କରାଗଲେ ମଧ୍ୟ ଫଳ ମିଳୁନାହିଁ । ଅପରପକ୍ଷେ ଗାଁ ଗହଳି ଓ କାର୍ଯ୍ୟାଳୟରେ କାର୍ଯ୍ୟରତ ଦୁର୍ନୀତି ଖୋର ଓ ଅନଭିଜ୍ଞ ଅମିନଙ୍କ ସିମା ହେରଫେର ପାଇଁ ମାଡଗୋଳ ଲାଗି ଥାନାରେ ଫୌଜଦାରୀ କେସ ବଢିଚାଲିଛି । ଯାହାକୁ ନେଇ ସାଧାରଣ ଲୋକ କୋଟ୍ କଚେରି ମାଲି ମୋକଦମାରେ ପଡି ଖର୍ଚ୍ଚାନ୍ତ ହେବା ସହ ନିରାଶ ହୋଉଛନ୍ତି । ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି । ଯଦି ରାଜ୍ୟ ରାଜସ୍ୱ ବିଭାଗ ଓ ଜିଲା ପ୍ରଶାସନ ଘରବାରି

### ଅନଭିଜ୍ଞ ଅମିନଙ୍କ ମାଚୁପକୁ ନାପସନ୍ଦ

ସିମା ନିର୍ଦ୍ଧାରଣରେ ସବିକ ନକସାକୁ କାୟମ କରି ଅଭିଜ୍ଞ ଅମିନରେ ମପଚୁପ କରାଇବାକୁ ନିର୍ଦ୍ଦେଶ ନାମାଜାରି କରନ୍ତି ତେବେ ଅଂଚଳରେ ସିମା ନିର୍ଦ୍ଧାରଣ ଅପରାଧିକ ମାମଲାରେ ପରିବର୍ତ୍ତନ ଘଟନ୍ତା ବୋଲି ବୁଦ୍ଧିଜିବୀ ମାନେ ମତପ୍ରକାଶ କରିଛନ୍ତି ।

ସ୍ଥାନୀୟ ବୁଦ୍ଧିଜୀବୀ ଅକ୍ଷୟ ସାହୁ, ପ୍ରବୀର ନାୟକ, ବିଜୟ ଦାସ, ଆଇନଜୀବୀ ଆଲୋକ ନାୟକ ପ୍ରମୁଖ କୁହନ୍ତି ୧୯୮୦ ମସିହାର ବନ୍ଦୋବସ୍ତ ସମୟରେ ସ୍ଥାନୀୟ ଚକବନ୍ଦିରେ କାର୍ଯ୍ୟକରୁଥିବା ଅଧିକାରୀ ମାନେ ପ୍ରଭାବଶାଳିଙ୍କ ପ୍ରରୋଚନାରେ ବିଶେଷ ହେରଫେର କରିଥିଲେ । ଫଳରେ ବନ୍ଦୋବସ୍ତ ପରେ ନୂଆ ନକ୍ସା ସରକାରୀ ଭାବେ ପ୍ରଚଳନ କରାଗଲା । ମାତ୍ର ପୁରୁଣା ନକ୍ସା ଓ ନୂଆ ନକସାରେ ଜାଗା ମାପଚୁପରେ ପରିବର୍ତ୍ତନ ଦେଖାଗଲା । କାହାର ଜାଗା ଜମି ଅନ୍ୟ ଜାଗାକୁ ମାଡିଯାଉଛି ତ କାହାର ବଢୁଛି ଆଉ କାହାର କମୁଛି । ମାପଚୁପରେ ହାଲ ସାବିକକୁ ମିଶାଇଲେ ବଡ ପରିବର୍ତ୍ତନ ଦେଖା ଯାଉଛି । *(ଶେଷ ପୃଷ୍ଠା ଦେଖନ୍ତୁ)*

# ପ୍ରୋତ୍ସାହନ ଅଭାବରୁ ହଜିଯାଉଛି ତୈଳବୀଜ ଚାଷ

**କେନ୍ଦ୍ରାପଡ଼ା,୨୨।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଖରିଫ ଧାନ ଚାଷକୁ ଛାଡ଼ିଦେଲେ କେନ୍ଦ୍ରାପଡା ଜିଲ୍ଲାର ଅର୍ଥକାରୀ ଫସଲ ଭାବେ ଖରିଫ ଋତୁରେ ଝୋଟ ଏବଂ ରବି ଋତୁରେ ଡ଼ାଲି ଓ ତୈଳବୀଜ ଚାଷ ହେଉଥିଲା । ଝୋଟ ଚାଷ ବହୁ ବର୍ଷ ତଳୁ ବୁଡ଼ିଗଲାଣି । ସର୍ବାଧିକ କ୍ଷେତରେ ଯେଉଁ ଡ଼ାଲି ଓ ତୈଳବୀଜ ଚାଷ ହେଉଥିଲା ତାହା କ୍ରମେ ହଜି ଯିବାକୁ ବସିଛି । ବାଦାମ, ସୋରିଷ, ସୂର୍ଯ୍ୟମୁଖୀ, ରାଶି, ଜଡା ଆଦି ଚାଷରେ ଏହି ଅଂଚଳର କୃଷକ ପରିବାର ରୋଜଗାରର ପନ୍ଥା ବାହାର କରିଥିଲେ । ଉପଯୁକ୍ତ ଜଳବାୟୁ, ମୃତ୍ତିକା ଓ କଠିନ ପରିଶ୍ରମର ଫଳ ରୂପେ ସାଧାରଣ ଖାଇବା ତେଲ ଠାରୁ ଆରମ୍ଭ କରି ରାଶିଲଡୁ ପର୍ଯ୍ୟନ୍ତ ସାଧାରଣରେ ଉପଲବ୍ଧ ହେଉଥିଲା । ତେବେ ଏହି ଜିଲାରେ ତୈଳବୀଜ ଚାଷ ଏକ ପ୍ରକାର ହଜିଯାଇଛି । ୧୯୯୫ରୁ ୨୦୧୫ ମଧ୍ୟରେ ଥିବା କୃଷି ତଥ୍ୟକୁ ଅନୁଧ୍ୟାନ କଲେ ତୈଳବୀଜ ଚାଷର ନୈରାଶଜନକ ସ୍ଥିତି ଦେଖିବାକୁ ମିଳୁଛି ।

କେନ୍ଦ୍ର ଓ ରାଜ୍ୟ ସରକାର ସହିତ ଜିଲା କୃଷି ବଜେଟରେ ଚାଷ ଓ ଚାଷୀଙ୍କୁ ଗୁରୁତ୍ୱ ଦିଆ ଯାଉଥିବା ଦର୍ଶା ଯାଉଥିଲେ ମଧ୍ୟ ତୃଣମୂଳସ୍ତରରେ ଏହାର ସୁଫଳ ପହଂଚି ପାରୁନାହିଁ । ତୈଳବୀଜ ଚାଷ ଯାହା ହେଉଥିଲା ତାକୁ ପ୍ରୋତ୍ସାହନ ମିଳିଥିଲେ ଜିଲ୍ଲାବାସୀଙ୍କ ଅବଶ୍ୟକତା ମେଣ୍ଟାଇ ଚାଷୀମାନେ ବାହାର ଜିଲାକୁ ତୈଳବୀଜ ଉତ୍ପାଦନ ପଠାଇପାରିଥାନ୍ତେ । ହେଲେ ତାହା ସମ୍ଭବ ତ ହେଲାନାହିଁ, ଅଧିକନ୍ତୁ ଏହି ଚାଷ ବୁଡ଼ିଯିବାକୁ ବସିଛି ବୋଲି ସଚେତନ ମହଲରେ ମତ ପ୍ରକାଶ ପାଇଛି । ଏସମ୍ପର୍କରେ ସମାଜସେବୀ ପ୍ରଶାନ୍ତ ନାୟକ, ମାନବାଧିକାର କର୍ମୀ ସାଗର ଜେନା, ଚାଷୀ ଜଗଦୀଶ ପତି, ନିରଞ୍ଜନ ପରିଡା, ହରେକୃଷ୍ଣ ପାତ୍ର ପ୍ରମୁଖ କହିଛନ୍ତିଯେ, ବହୁଳ ମାତ୍ରାରେ ତୈଳବୀଜ ଚାଷ ପାଇଁ ଏହି ଜିଲ୍ଲାରେ ସୁଯୋଗ ରହିଛି ଯାହା ଜିଲ୍ଲାର ଅର୍ଥନୀତିକୁ ବଦଳାଇ ଦେଇ ପାରିବ । ଜିଲ୍ଲାରେ ମୋଟ ୮୧୬ କିଲୋମିଟର ଜଳପଥ ଅଛି । ଏହାର ଦୁଇ ପାଶ୍ୱରେ ୪୭ ହଜାର ହେକ୍ଟର ଅଂଚଳକୁ କେନାଲ ମାଧ୍ୟମରେ ଜଳ ଯୋଗାଣ ହେଉଥିବା ବେଳେ ତୈଳବୀଜ ଚାଷ ପାଇଁ ୩୦ହଜାର ହେକ୍ଟରରୁ ଉର୍ଦ୍ଧ୍ୱ ଉପଯୋଗୀ ଜମି ରହିଛି । ଗତ ଦୁଇ ଦଶନ୍ଧି ଭିତରେ ତୈଳବୀଜ ଚାଷର ସ୍ଥିତି ବିଗିଡିଯାଇଛି । ଗତ ୨୦୧୭ ନଭେମ୍ବରରେ ଇଂଟରନ୍ୟାସନାଲ ଜର୍ଣ୍ଣାଲ ଅଫ ହ୍ୟୁମାନିଟିଜ ଆଣ୍ଡ ସୋସିଆଲ ସାଇନ୍ସ ଇନଭେନସନ ପତ୍ରିକାରେ ପ୍ରକାଶିତ ଗ୍ରୋଥ ଆଣ୍ଡ ଇନଷ୍ଟାବିଲିଟି ଇନ ଅଏଲସିଡସ ପ୍ରଡକ୍ସନ ଇନ ଓଡିଶା ତଥ୍ୟ ଅନୁଯାୟୀ ୧୯୯୫- ୯୬ ଆର୍ଥିକ ବର୍ଷରେ ତୈଳବୀଜ ଚାଷ ପ୍ରାୟ ୧୧ ପ୍ରତିଶତ ହ୍ରାସ ପାଇଥିବା ବେଳେ ୨୦୧୫-୧୬ ଆର୍ଥିକ ବର୍ଷରେ ୬୭ ପ୍ରତିଶତ ହ୍ରାସ ପାଇଛି । ଯେଉଁଥିରେ କେନ୍ଦ୍ରାପଡ଼ା ଜିଲ୍ଲା ବିଶେଷ ପ୍ରଭାବିତ ହୋଇଛି । ତୈଳବୀଜ କେବଳ ଖାଇବା ତେଲରେ ସୀମିତ ନୁହେଁ । ମଣିଷ ପାଇଁ ପୌଷ୍ଟିକ ଖାଦ୍ୟ ପରି ଏହାକୁ ବିଭିନ୍ନ ତେଲ, ଘିଅ, ସାବୁନ, ସଫାକାର୍ଯ୍ୟ, ସୌନ୍ଦର୍ଯ୍ୟକରଣ ଆଦିରେ ବ୍ୟବହାର କରାଯାଉଛି । ସାଂପ୍ରତିକ ସମୟରେ ଖାଇବା ତେଲ ଦର ବଢି ବଢି ଚାଲିଛି । ଏହି ଜିଲାରେ ହେଉଥିବା ସୋରିଷକୁ ଘଣାରେ ପେଡି ଏହାର ବିଶୁଦ୍ଧ ତେଲକୁ ଖାଦ୍ୟ ରୂପେ ବ୍ୟବହାର କରାଯାଉଥିବାବେଳେ ଏହା ବେଶ୍ ସ୍ୱାସ୍ଥ୍ୟ ଉପଯୋଗୀ ହେଉଥିଲା । ସ୍ୱାସ୍ଥ୍ୟରେ ସେବାରେ ମଧ୍ୟ ଏହା ଉପଯୋଗୀ ହେଉଥିଲା । ଏହାର ପିଡିଆକୁ ଚାଷ ଓ ମାଛର ଖାଦ୍ୟ ଭାବେ ବ୍ୟବହାର କରାଯାଉଥିଲା । ସେହିପରି ରାଶି ଲଡୁ ସମସ୍ତଙ୍କ ପ୍ରିୟ ଥିଲା । ଜଡା ତେଲ ବିଜୁଳି ଆଲୋକ ଅଭାବର ନିରାକରଣ କରୁଥିବା ବେଳେ ସ୍ୱାସ୍ଥ୍ୟଗତ ସମସ୍ୟାରେ ଉପଯୋଗୀ ହେଉଥିଲା । ଏଥିପାଇଁ ପ୍ରତି ଗ୍ରାମରେ କୁଟୀର ଶିଳ୍ପ ଗଢ଼ି ଉଠିଥିଲା । ଏବେ ତୈଳ ସାମଗ୍ରୀ ସୀମିତ ସଂଖ୍ୟକ କମ୍ପାନୀ ହାତକୁ ଚାଲିଯାଇଛି । ଆକର୍ଷଣୀୟ ବିଜ୍ଞାପନ ଓ ଚକଚକିଆ ଖୋଳ ଆକର୍ଷଣରେ ଲୋକେ ନକଲି ସାମଗ୍ରୀ ଖାଇବାକୁ ବାଧ୍ୟ ହେଉଛନ୍ତି । କେନ୍ଦ୍ର ସରକାରଙ୍କ ବଜେଟ ଉପସ୍ଥାପନ ସମୟରେ ଚାଷ ଓ ଚାଷୀଙ୍କ ପାଇଁ ଏହା ଉତ୍ସର୍ଗୀକୃତ ବୋଲି *(ଶେଷ ପୃଷ୍ଠା ଦେଖନ୍ତୁ)*

# ନକ୍ସଲଙ୍କ ବନ୍ଧୁକ କାରଖାନା ଧ୍ୱଂସ




**ମାଲକାନଗିରି,୨୨।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡର ସୁକମା ଜିଲ୍ଲାରେ ନକ୍ସଲ ଦ୍ୱାରା ନିର୍ମାଣ କରାଯାଇଥିବା ବନ୍ଧୁକ ଓ ବୋମା ତିଆରି କାରଖାନାକୁ ଧ୍ୱଂସ କରିଛନ୍ତି ଯବାନ । ନକ୍ସଲ ସଂଗଠନ ପାଇଁ ଏହା ଏକ ବଡ ଝଟକା ବୋଲି କୁହାଯାଉଛି ।

ବିଶେଷ ସୂତ୍ରରୁ ଖବର ପାଇ ସୁକମା ଜିଲ୍ଲା ପୁଲିସ ଏବଂ ସିଆରପିଏଫ ଯବାନ ଜିଲ୍ଲାର ମୀନାଗଟ୍ଟା ଅଂଚଳରେ ସର୍ଚ୍ଚଅପରେସନ କରୁଥିଲେ । ସର୍ଚ୍ଚ ଅପରେସନ କରୁଥିବା ବେଳେ ଜଂଗଲ ଭିତରେ ନକ୍ସଲ ଦ୍ୱାରା ନିର୍ମାଣ ହୋଇଥିବା ବନ୍ଧୁକ ଓ ବୋମା ତିଆରି କାରଖାନାକୁ ଠାବ *(ଶେଷ ପୃଷ୍ଠା ଦେଖନ୍ତୁ)*

# ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟରେ ତାଲା

**୨୨।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

କନ୍ଧମାଳ ଜିଲ୍ଲାର ଘୁ.ଉଦୟଗିରି ଠାରେ ଥିବା ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ବିଭାଗ କାର୍ଯ୍ୟାଳୟରେ ୨୦୨୩ ଫେବୃୟାରୀ ପହିଲାରୁ ତାଲା ପଡ଼ିଥିବା ଦେଖିବାକୁ ମିଳିଛି । ସରକାରୀ ଉଦାସୀନତା ଯୋଗୁଁ ବହୁ ମୂଲ୍ୟବାନ ପୁସ୍ତକଗୁଡିକୁ ଉଇ ଖାଇଯିବାକୁ ବସିଲାଣି, ଯେଉଁ ଗୁଡିକୁ ଅତୀତରେ ପାଠକ ପାଠିକା କାର୍ଯ୍ୟାଳୟ ଯାଇ ପଢି ପାରୁଥିଲେ । ବର୍ତ୍ତମାନ ସେହି ଜନଉପଯୋଗୀ କାର୍ଯ୍ୟାଳୟ ଦୀର୍ଘ ଦିନ ହେଲା ବନ୍ଦ ଥିବାରୁ ଭୂତକୋଠିରେ ପରିଣତ ହୋଇଯିବା କୁହାଯାଇଛି । ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମକୁ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚେଇବା ସହ ସୂଚନା ପ୍ରଦାନ ନିମନ୍ତେ ରାଜ୍ୟ ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ୧୯୮୦ ମସିହାରେ ଘୁ.ଉଦୟଗିରି ସହରରେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପ୍ରତିଷ୍ଠା କରାଯାଇଥିଲା । ଯେଉଁଠି ସହରବାସୀ ପ୍ରତ୍ୟେକ ଦିନ ବିଭିନ୍ନ ଖବର କାଗଜ, ପତ୍ରପତ୍ରିକା ପଢିବାର ସୁଯୋଗ ପାଉଥିବା ବେଳେ ସରକାରଙ୍କ ବିଭିନ୍ନ ଯୋଜନା ବାବଦରେ ସୂଚନା ପାଇ ପାରୁଥିଲେ । ହେଲେ ସେସବୁ ଏବେ ହୋଇପାରୁନାହିଁ । ବରିଷ୍ଠ ନାଗରିକଙ୍କ ସୂଚନା ଅନୁସାରେ ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟରେ ପ୍ରଥମେ ୫ଜଣ କର୍ମଚାରୀ ନିୟୋଜିତ ରହି ନିଜ କାର୍ଯ୍ୟ ସମ୍ପାଦନ କରୁଥିଲେ । ୫ଜଣ କର୍ମଚାରୀଙ୍କ ମଧ୍ୟରୁ ଜଣଙ୍କ ପରେ ଜଣେ ବଦଳି ହୋଇ ଚାଲିଯିବା ପରେ ଗତ ଫେବୃୟାରୀ ୨୦୨୩ ପହିଲାରୁ ଏହି ସୂଚନା କେନ୍ଦ୍ର କାର୍ଯ୍ୟାଳୟଟି ବର୍ତ୍ତମାନ ସୁଧା କର୍ମଚାରୀ ଶୂନ୍ୟ ହୋଇ ବନ୍ଦ ରହି ତାଲା ଝୁଲୁଛି । ଏହି ସମସ୍ୟା ସମ୍ପର୍କରେ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧି ବହୁ ବାର ଖବରକାଗଜ ରେ ଖବର ପ୍ରକାଶିତ କରିବା ସହ ବିଭାଗୀୟ ମନ୍ତ୍ରୀ, ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ । କାର୍ଯ୍ୟାଳୟରେ କର୍ମଚାରୀ ନିଯୁକ୍ତି ଅବହେଳା ଯୋଗୁଁ ସମାଜ ପାଇଁ ଆବଶ୍ୟକ ଏହି ସୂଚନା କେନ୍ଦ୍ର କାର୍ଯ୍ୟାଳୟ ବର୍ତ୍ତମାନ ବନ୍ଦ ହୋଇ ରହିଛି । ଘୁ.ଉଦୟଗିରି, ରାଇକିଆ, ଟିକାବାଲି ଚକାପାଦ ବ୍ଲକ ଅଞ୍ଚଳ ଏବଂ ଘୁ.ଉଦୟଗିରି ଏନଏସିକୁ ନେଇ ଏହି ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ସ୍ଥାପନ କରାଯାଇଥିଲା ଯାହାର ସୁଫଳ ଏହି ଅଞ୍ଚଳବାସି ପାଇବା ସହ ୪ଟି ବ୍ଲକର ଗଣମାଧ୍ୟମ ପ୍ରତିନିଧିମାନେ ମଧ୍ୟ ବିଭିନ୍ନ ସୂଚନା ପାଇ ପାରୁଥିଲେ । ଏହି କାର୍ଯ୍ୟାଳୟ ଦ୍ୱାରା ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ହେଉଥିଲା ତେଣୁ ଏହି କାର୍ଯ୍ୟାଳୟର ପୁନରୁଦ୍ଧାର କରି କର୍ମଚାରୀ ନିଯୁକ୍ତି କରିବା ସହ ଅଞ୍ଚଳବାସୀଙ୍କୁ ସେବା ଯୋଗାଇ ଦେବା ପାଇଁ ସ୍ଥାନୀୟ ଅଞ୍ଚଳବାସୀଙ୍କ ତରଫରୁ ସରକାରଙ୍କ ନିକଟରେ ଦାବି ହୋଇଛି ।



## ଆଜିର ରାଶିଫଳ

| ତାରିଖ | ମଙ୍ଗଳବାର–ତୃତୀୟା |
|---|---|
| ୨୩.୧୨.୨୦୨୫ | ନକ୍ଷତ୍ର– ଶ୍ରବଣା, ମକରଚନ୍ଦ୍ର |

| | |
|---|---|
| ମେଷ | : ଭଲ କାମ କରି ଖୁସି ପାଇବେ । |
| ବୃଷ | : କନ୍ୟା ଦୁଃଖରେ କଷ୍ଟ ପାଇବେ । |
| ମିଥୁନ | : ମୁଣ୍ଡରେ ଆଘାତ ଲାଗିପାରେ । |
| କର୍କଟ | : ସାଙ୍ଗସାଥୀ ମେଳରେ ଦିନଟି ହସଖୁସିରେ କଟିବ । |
| ସିଂହ | : ବକେୟା ପଡ଼ିଥିବା ଅର୍ଥ ମିଳିବ । |
| କନ୍ୟା | : ସାଙ୍ଗସାଥୀରେ କହଳ ହୋଇପାରେ । |
| ତୁଳା | : ପାଦରେ ଆଘାତ ପାଇବେ । |
| ବିଛା | : ବ୍ୟବସାୟରେ ଆକସ୍ମିକ ଲାଭ । |
| ଧନୁ | : ଚକ୍ଷୁରେ ଆଘାତ ପାଇବେ । |
| ମକର | : ବକେୟା ପଡ଼ିଥିବା ଅର୍ଥ ମିଳିବ । |
| କୁମ୍ଭ | : ଅଯଥା ଖର୍ଚ୍ଚାନ୍ତରେ ପଡ଼ିବେ । |
| ମୀନ | : କର୍ମକ୍ଷେତ୍ରରେ ବରିଷ୍ଠ ଅଧିକାରୀ ପ୍ରଶଂସିତ ହେବେ । |

# ବୋମାମାଡ଼ : ୧୦ ଗିରଫ

**ସାକ୍ଷୀଗୋପାଳ, ୨୨।୧୨**

ସତ୍ୟବାଦୀରେ ଗତ ଦୁଇ ଦିନ ଧରି କ୍ରମାଗତ ଭାବରେ ବୋମା ମାଡ଼ ଘଟଣାରେ ସତ୍ୟବାଦୀ ଥାନା ପୋଲିସ ଦୁଇଟି ଭିନ୍ନ ଭିନ୍ନ ମାମଲା ୧୦ ଜଣଙ୍କୁ ରବିବାର ଗିରଫ କରିବାରେ ସକ୍ଷମ ହୋଇଛି । ଏହି ଆତଙ୍କରାଜ ଘଟଣାକୁ ଦୃଷ୍ଟିରେ ରଖି ପୁରୀ ଆରକ୍ଷୀ ଅଧିକ୍ଷକ ପ୍ରତୀକ ସିଂହଙ୍କ ପ୍ରତକ୍ଷ୍ୟ ତତ୍ତ୍ୱାବଧାନରେ ସତ୍ୟବାଦୀ, ଡେଲାଙ୍ଗ, କଣାସ, ପିପିଲି ଓ ବଳଙ୍ଗା ଥାନା ଭାରପ୍ରାପ୍ତ ନିରୀକ୍ଷକମାନଙ୍କୁ ନେଇ ୫ଟି ସ୍ୱତନ୍ତ୍ର ଟିମ ଗଠନ କରାଯାଇ ସମ୍ପୃକ୍ତ ଅପରାଧୀମାନଙ୍କୁ ଗିରଫ କରିବାକୁ ସକ୍ଷମ ହୋଇ ପାରିଥିଲେ । ସ୍ଥାନୀୟ ନହଳା ଗ୍ରାମର ବିଶ୍ୱଜିତ ବିଶ୍ୱାଳଙ୍କ ଅଭିଯୋଗ କ୍ରମେ ସତ୍ୟବାଦୀ ଥାନା କେସ ନଂ ୪୪୮/୨୫ରେ ଜୟପୁର ଗ୍ରାମର ଶୁଶିଲ କୁମାର ସାହୁ (୨୨), ଜୟପୁର ଆଶିଷ ସତପଥି (୪୦)ପିତା ପ୍ରଣବ ଶତପଥୀ, ଶୁଭମ୍ ସାହୁ (୨୦) ପିତା ଶିଦ୍ଧ ପ୍ରସାଦ ସାହୁ, ଦାମୋଦର ପୁର ଚନ୍ଦନପୁର, କଣାସ ଥାନା, ଅଞ୍ଚଳର ଅଭିରାମ ସୁନ୍ଦର ଚହଟରାୟ ଗିରଫ କରାଯାଇଥିଲା । ସେହିପରି ସ୍ଥାନୀୟ ଜୟପୁର ଗ୍ରାମର ବିଶ୍ୱନାଥ ସାହୁଙ୍କ ଅଭିଯୋଗ କ୍ରମେ ସତ୍ୟବାଦୀ ପିଏସ କେସ ନଂ ୪୪୯/୨୫ ରେ ଅବିନାଶ ସାମନ୍ତରାୟ (୩୧) ଗ୍ରାମ ଜୟପୁର ପିତା ବାଣୀଭୁଷଣ ସାମନ୍ତରାୟ, ପ୍ରଦୀପ ବେହେରା (୨୯) ପିତା ରମେଶ ବେହେରା ସାନ ଲାଞ୍ଜିଆ, ବିଶ୍ୱଜିତ ବିଶ୍ୱାଳ (୨୧) ପିତା ହେମନ୍ତ ବିଶ୍ୱାଳ ଗ୍ରାମ ନହଳା, ସୂରଜ ବିହାରୀ(୨୬) ପିତା ତ୍ରିନାଥ ବିହାରୀ ପୁଷାକେରା, ପ୍ରଦୀପ ଦଳେଇ (୨୫) ପିତା ବ୍ରଜକିଶୋର ଦଳେଇଗ୍ରାମ ବାସୁକେରା, ଆଦର୍ଶ ନାରାୟଣ ପ୍ରଧାନ (୨୦) ପିତା ଆର୍ତ୍ତବନ୍ଧୁ ପ୍ରଧାନ, ଗୁଡପାଇଲ ଡ଼େଲାଙ୍ଗ ଥାନା ଅଞ୍ଚଳର ବୋଲି ପୋଲିସ୍, କହିଛନ୍ତି, ସତ୍ୟବାଦୀ ଥାନା ପୋଲିସ , ଏହି ଘଟଣାରେ ଅଭିଯୋଗକାରୀଙ୍କ ଅଭିଯୋଗ ଆଧାରରେ ପୋଲିସ ୧୦ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଫେରାର ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ସତ୍ୟବାଦୀ ଥାନା ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପିପିଲି ଉପଖଣ୍ଡ ଆରକ୍ଷୀ ଅଧିକାରୀ ଦେବାଶିଷ ମିଶ୍ର ଓ ସତ୍ୟବାଦୀ ଥାନା ଭାରପ୍ରାପ୍ତ ନିରୀକ୍ଷକ ବିଜୟ କେତନ ବେହେରା ସୂଚନା ପ୍ରଦାନ କରିବା ସହିତ ସମ୍ପୃକ୍ତ ଅଭିଯୁକ୍ତ ମାନେ ବ୍ୟବହାର କରିଥିବା ଭାନିସ ହୁଣ୍ଡାଇ କାର ଓଡି ୦୨ଏ୨୧୬୯, କଳା ରଙ୍ଗର ଥର କାର ଓଡି ୦୨ବିପି ୯୧୦୦, ହଳଦିଆ ରଙ୍ଗର ବୁଲେଟ ଓଡି ୦୨ସିଡି୪୧୮୫, କଳା ରଙ୍ଗର ବୁଲେଟ ୦୩୪ଏ୬୩୫୫ ସହିତ ଗୋଟିଏ ଜିବନ୍ତ ବୋମା ସହିତ ବିସ୍ଫୋରକ ସାମଗ୍ରୀ ଜବତ କରି କୋର୍ଟ ଚାଲାଣ କରାଯାଇଥିବା ନେଇ, ପିପିଲି ଏସଡିପିଓ ଦେବାଶିଷ ମିଶ୍ର, ସତ୍ୟବାଦୀ ଥାନା ଆଇଆଇସି ବିଜୟ କେତନ ବେହେରା ସୂଚନା ଦେଇଛନ୍ତି ।

## ଟ୍ରାକ୍ଟର ଜବତ, ଚାଳକ ଅଟକ

**ବାଲିଅନ୍ତା, ୨୨।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ବାଲିଅନ୍ତା ଥାନା ପୁଲିସ ସାଇଫନ ନିକଟରେ ଅତର୍କିତ ଚଢ଼ଉ କରି ଏକ ବେଆଇନ ମାଟି ବୋଝେଇ ଟ୍ରାକ୍ଟର ଜବତ କରିଛି । ବାଲିଅନ୍ତା ଅଞ୍ଚଳରୁ ପ୍ରତ୍ୟେକ ଦିନ ଶତାଧିକ ଟ୍ରିପ ବାଲି ଓ ମାଟି ଆଦି ଲଘୁ ଖଣିଜ ସାମଗ୍ରୀ ଚାଲାଣ ନେଇ ବାଲିଅନ୍ତା ଥାନା ଏବଂ ଖଣି ବିଭାଗରେ ଅଭିଯୋଗ ହୋଇଆସୁଥିଲା । ଆଜି ଏଏସଆଇ ଅନୀଲ ନାୟକ ଖବର ପାଇ ସାଇଫନ ବଜାର ରାସ୍ତାରୁ ମାଟି ବୋଝେଇ ଏକ ଟ୍ରାକ୍ଟର ଜବତ କରିଥିଲେ । ପୁଲିସ ଟ୍ରାକ୍ଟର ଚାଳକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି । ଜବତ ଟ୍ରାକ୍ଟର ଖଣି ବିଭାଗକୁ ଜରିମାନା ନେଇ ହସ୍ତାନ୍ତର କରାଯିବ କି ଚାଳକଙ୍କୁ ଗିରଫ କରାଯିବ ସେନେଇ କୌଣସି ସ୍ପଷ୍ଟ ସୂଚନା ମିଳିପାରିନାହିଁ ।

## ବାଇକ୍‌କୁ ଧକ୍କାଦେଲା କାର୍, ଜଣେ ମୃତ

**ଗଞ୍ଜାମ : ଏକ୍ସପ୍ରେସ୍ ନ୍ୟୁଜ୍**

ଗଞ୍ଜାମ ବ୍ଲକ ପୋଇରାସୀ ପଞ୍ଚାୟତର କାଇଁଚପୁର ନିକଟରେ ସୋମବାର ଭୟଙ୍କର ଦୁର୍ଘଟଣା ଘଟିଛି । ଏକ କାର (ନଂ ଓଡ଼ି୦୭ଏପି୪୪୩୩) ଦୃତ ଗତିରେ ଆସି ଦୁଇଟି ବାଇକ୍‌କୁ ଧକ୍କା ଦେବା ଫଳରେ ଘଟଣାସ୍ଥଳରେ ଜଣଙ୍କର ପ୍ରାଣହାନି ଘଟିଥିବା ବେଳେ ଅନ୍ୟ ଦୁଇଜଣ ସଂଘାତିକ ଭାବେ ଗୁରୁତର ହୋଇଛନ୍ତି ।

ସୂଚନା ଅନୁଯାୟୀ, ଦୃତ ଗତିରେ ଆସୁଥିବା କାରଟି ନିୟନ୍ତ୍ରଣ ହରାଇ ସମ୍ମୁଖରୁ ଆସୁଥିବା ଏକ ହିରୋ ହୋଣ୍ଡା ସ୍ପ୍ଲେଣ୍ଡର (ନଂ ଓଆର୍୦୭ଏଲ୨୧୪୨) ଏବଂ ଟିଭିଏସ ଆପାଚେ (ଓଡି୦୭ଏଭି୬୨୬୭) ବାଇକ୍‌କୁ ଧକ୍କା ଦେଇଥିଲା । ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ, ଜଣେ ବ୍ୟକ୍ତି ଘଟଣାସ୍ଥଳରେ ହିଁ ଆଖି ବୁଜିଥିଲେ । ସ୍ଥାନୀୟ ଲୋକଙ୍କ ସହାୟତାରେ ଗୁରୁତରଙ୍କୁ ତୁରନ୍ତ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଅଧିକ ତଦନ୍ତ ଜାରି ରଖିଛି । ଏହି ଅଭାବନୀୟ ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

# ସାଇବର ଠକେଇର ପର୍ଦ୍ଦାଫାସ୍, ୪ ଗିରଫ

**ବ୍ରହ୍ମପୁର, ୨୨।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ସରକାରଙ୍କଠାରୁ ଆରମ୍ଭ କରି ପୋଲିସ ଏବଂ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସାଇବର ଠକେଇ ଠାରୁ ଦୂରେଇ ରହିବା ପାଇଁ ସଚେତନତା କରାଯାଉଥିଲେ ସୁଦ୍ଧା ଜନସାଧାରଣଙ୍କ ଆହୁରି କେଉଁଠି ନା' କେଉଁଠି ସଚେତନର ଅଭାବ ରହିଛି । ଫଳରେ ବାରମ୍ବାର ସାଇବର ଠକେଇ ଭଳି ବିଭିନ୍ନ ଠକେଇ ମାମଲା ଗୁଡିକରେ ଜନସାଧାରଣ ଛନ୍ଦି ହୋଇଯାଉଛନ୍ତି । ଏଭଳି ପଲ୍ଲୀଠୁ ଦିଲ୍ଲୀ ଯାଏଁ ଏକ ଅନ୍‌ଲାଇନ୍ ସାଇବର ଠକେଇର ଚେର ଛତ୍ରପୁର ପୋଲିସ ହାତରେ ପଡିଛି । ଦୀର୍ଘ ୨ ବର୍ଷ ହେଲା ପଲ୍ଲୀଠୁ ଦିଲ୍ଲୀ ଯାଏଁ ଚାଲିଥିବା ଏହି ଅନ୍ଲାଇନ୍ ସାଇବର ଠକେଇ ଘଟଣାର ପର୍ଦ୍ଦାଫାସ କରିଛି ଛତ୍ରପୁର ପୋଲିସ। ଏହି ଘଟଣା ସଂପର୍କରେ ରବିବାର ଛତ୍ରପୁର ଥାନା ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଛତ୍ରପୁର ଏସ୍‌ଡିପିଓ ଚନ୍ଦନ ଘଡେଇ ସମସ୍ତ ପ୍ରକାର ସୂଚନା ଦେଇଛନ୍ତି । ବର୍ଷ ବର୍ଷ ଧରି ଚାଲିଥିବା ଏହି ଅନ୍‌ଲାଇନ୍ ସାଇବର ଠକେଇ ମାମଲାରେ ଛତ୍ରପୁର ଥାନା ପକ୍ଷରୁ ୭୮୦ ଏକ ମାମଲା ରୁଜୁ କରି ୪ ଜଣଙ୍କୁ ଗିରଫ କରିଥିବା ବେଳେ ୨ଟି ବ୍ୟାଙ୍କ୍ ଜମାଖାତା, ୫ଟି ମୋବାଇଲ୍, ଗୋଟିଏ ଏଟିଏମ୍ କାର୍ଡ ଓ ଗୋଟିଏ ଆଧାରକାର୍ଡ ଜବତ କରାଯାଇଛି । ଜବତ ହୋଇଥିବା ୨ଟି ବ୍ୟାଙ୍କ୍ ଜମାଖାତାରେ ୮ ଲକ୍ଷ ଟଙ୍କା ଅନ୍‌ଲାଇନ୍ ଦେଣନେଣ ହୋଇଥିବା ଜଣାପଡିଛି । ଗିରଫ ୪ ଜଣ ହେଲେ ଛତ୍ରପୁର ଗଣେଶନଗର ପ୍ରଥମ ଲାଇନ୍‌ର କେ.ଅନୀଲ୍ ପାତ୍ର, ନୀଳକଣ୍ଠସାହିର ଗଗନ ଦଳାଇ, ହୁମ୍ମାର ଶଙ୍କର୍ଷଣ ସାହୁ ଏବଂ ରମ୍ଭା ଥାନା କୁଜିପେ ଗ୍ରାମର ପବିତ୍ର ପ୍ରଧାନ । ଏହି ଘଟଣାର ମାଷ୍ଟରମାଇଣ୍ଡ୍ ହେଉଛି କୁଜିପେ ଗ୍ରାମର ପବିତ୍ର ପ୍ରଧାନ । ସେ ଗତ ୨ ବର୍ଷ ହେଲା ଫେସ୍‌ବୁକ୍ ସାଙ୍ଗ ଦିଲ୍ଲୀ ଅଞ୍ଚଳର ମୁଖ୍ୟ ମାଷ୍ଟରମାଇଣ୍ଡ ରଜତ ଶର୍ମା ନାମକ ଜଣେ ବ୍ୟକ୍ତି ସହ ଯୋଗାଯୋଗ କରି ଅନ୍‌ଲାଇନ୍ ମାଧ୍ୟମରେ ସାଇବର ଠକେଇ ଚଲାଇଥିଲେ । ପବିତ୍ର ଛତ୍ରପୁର ଓ ଗଞ୍ଜାମ ଅଞ୍ଚଳର ମଧ୍ୟସ୍ଥିଙ୍କ ମାଧ୍ୟମରେ ପ୍ରାୟ ୭୦ ରୁ ୮୦ ଜଣଙ୍କ ବ୍ୟାଙ୍କ୍ ଜମାଖାତା ଖୋଲିଛନ୍ତି । ହିତାଧିକାରୀଙ୍କ ଆଧାରକାର୍ଡ ମାଧ୍ୟମରେ ସିମ୍ ପ୍ରସ୍ତୁତ କରି ବିଭିନ୍ନ ବ୍ୟାଙ୍କ୍ ଗୁଡିକରେ ଜମାଖାତା ଖୋଲିଛନ୍ତି । ଉକ୍ତ ଜମାଖାତା ଗୁଡିକ କୋରିଅର ମାଧ୍ୟମରେ ଦିଲ୍ଲୀର ରଜତ ଶର୍ମାଙ୍କ ନିକଟକୁ ପବିତ୍ର ପଠାଉଥିଲେ । ଗୋଟିଏ ଜମାଖାତା ପିଛା ରଜତ ଶର୍ମା ପବିତ୍ରକୁ ୧୮ ହଜାର ଟଙ୍କା ଦେଉଥିଲେ । ସେଥିରୁ ପବିତ୍ର ୭ ହଜାର ଟଙ୍କା ରଖି ବାକି ୧୧ ହଜାର ଟଙ୍କା ମଧ୍ୟସ୍ଥିମାନଙ୍କୁ ଦେଉଥିଲେ । ମଧ୍ୟସ୍ଥିମାନେ ଆକାଉଣ୍ଟ ହିତାଧିକାରୀ ୩ ରୁ ୫ ହଜାର ଟଙ୍କା ଦେଇ ବାକି ଟଙ୍କା ରଖୁଥିଲେ । ଏହାପରେ ଦିଲ୍ଲୀର ରଜତ ଶର୍ମା ଏଠାରୁ ସଂଗ୍ରହ ହୋଇଥିବା ଜମାଖାତା ଗୁଡିକୁ ଅନ୍‌ଲାଇନ୍ ବିଭିନ୍ନ ପ୍ରକାର ଖେଳ ତଥା ଠକେଇରେ ବ୍ୟବହାର କରି ଲକ୍ଷ ଲକ୍ଷ ଟଙ୍କା ଲୁଟି ନେଉଥିଲେ । ବହୁଦିନ ଧରି ଏହିପରି ଅନଲାଇନ୍ ସାଇବର ଠକେଇ ଚାଲିଥିବା ବେଳେ ଛତ୍ରପୁର ଅଞ୍ଚଳର ଦିଲ୍ଲୀପ କୁମାର ଭୋଲାଟି ଓ କେ.ମଣିକାନ୍ତ ରାଓଙ୍କ ଦୁଇଟି ଜମାଖାତା ଗଲାମାସ ୨୬ ଓ ୨୭ ତାରିଖରେ ଛତ୍ରପୁର ସ୍ଥିତ ବ୍ୟାଙ୍କ୍ ଅଫ୍ ମହାରାଷ୍ଟ୍ରରେ ଖୋଲାଯାଇଥିଲା । ସେ ଦୁହେଁ କିଭଳି ଚତୁରତାର ଜମାଖାତା ଖୋଲିଲା ବେଳେ ସହ ସେମାନଙ୍କ ଇମେଲ୍ ଠିକଣା ଦେଇଥିଲେ । ଫଳରେ ଅନ୍‌ଲାଇନ୍ ଲକ୍ଷ ଲକ୍ଷ ଟଙ୍କାର ଦେଣନେଣ ଇମେଲ୍ ମାଧ୍ୟମରେ ଜାଣିପାରିଥିଲେ । ଏହାପରେ ଦୁହେଁ ବ୍ୟାଙ୍କ୍ ଯାଇ ସେମାନଙ୍କ ଡୁପ୍ଲିକେଟ୍ ଜମାଖାତା ବାହାର କରିଥିଲେ । ସେଥିରେ ଜାଣିପାରିଲେ ଯେ ଲକ୍ଷ ଲକ୍ଷ ଟଙ୍କା ସେମାନଙ୍କ ଜମାଖାତାକୁ ଆସୁଛି ପୁଣି ଉଠାଯାଉଛି । ଏହାଜାଣିବା ପରେ ସେମାନେ ତୁରନ୍ତ ଛତ୍ରପୁର ଥାନା ପୁଲିସକୁ ଜଣାଇଥିଲେ । ପୋଲିସ ଘଟଣାକୁ ଗୁରୁତର ସହ ଗ୍ରହଣ କରି ଖୋଳତାଡ ଆରମ୍ଭ କରିଥିଲା । ଘଟଣାର ଛତ୍ରପୁର ଥାନା ଅଧିକାରୀ ସବ୍ୟସାଚି ମଲ୍ଲଙ୍କ ପ୍ରାଥମିକ ତଦନ୍ତରେ ଏହି ଅନ୍‌ଲାଇନ୍ ସାଇବର ଠକେଇରେ ମୁଖ୍ୟ ଏଜେଣ୍ଟ କୁଜିପେ ଗ୍ରାମର ପବିତ୍ର ପ୍ରଧାନ ଛତ୍ରପୁର ଅଞ୍ଚଳର କେ.ଅନୀଲ୍ ପାତ୍ର, ଗଗନ ଦଳାଇ ଓ ହୁମ୍ମା ଅଞ୍ଚଳର ଶଙ୍କରର୍ଷଣ ସାହୁଙ୍କ ମାଧ୍ୟମରେ ଛତ୍ରପୁର ଓ ଗଞ୍ଜାମ ବ୍ଲକ ଅଞ୍ଚଳର ପ୍ରାୟ ୭୦ ରୁ ୮୦ ଜଣଙ୍କ ନାମରେ ବିଭିନ୍ନ ବ୍ୟାଙ୍କ୍ ଗୁଡିକରେ ଜମାଖାତା ଖୋଲାଯାଇଛି । ଏହି ବାବଦରେ ମୁଖ୍ୟ ଏଜେଣ୍ଟ ପବିତ୍ର ପ୍ରଧାନ ପ୍ରାୟ ୧୫ ରୁ ୨୦ ଲକ୍ଷ ଟଙ୍କା ରୋଜଗାର କରିଥିବା ବେଳେ ମଧ୍ୟସ୍ଥିମାନେ ମଧ୍ୟ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରିଛନ୍ତି । ଏହି ଘଟଣାର ବିଶେଷ ରହିଛି ଯେଉଁମାନଙ୍କ ଜମାଖାତା ଖୋଲାଯାଇଥିଲା ସେମାନେ ଏହି ଅନ୍‌ଲାଇନ୍ ସାଇବର ଠକେଇ ବିଷୟରେ କୌଣସି ଅବଗତ ହୋଇପାରୁନଥିଲେ । ସେମାନଙ୍କ ନିକଟରେ ଜମାଖାତା କିମ୍ବା କୌଣସି ସୂଚନା ରହୁନଥିଲା । ଜମାଖାତା ଖୋଲିବା ପରେ ସେମାନଙ୍କୁ ୩ ରୁ ୫ ହଜାର ଟଙ୍କା ଦେଇଦେବା ପରେ ସେମାନେ ମଧ୍ୟ ଏତେ ଟଙ୍କା ମିଳିଲା ତ ଆଉ କ'ଣ କିଛି ହେଉଛି ମୁଣ୍ଡ ପୁରାଉନଥିଲେ । ଯେତେବେଳେ ଛତ୍ରପୁର ଅଞ୍ଚଳର ଏହି ଦୁଇଜଣ ଶିକ୍ଷିତ ଯୁବକଙ୍କ ଜମାଖାତା ଖୋଲିବା ପରେ ସେମାନେ ଯେତେବେଳେ ତାଙ୍କରି ଜମାଖାତାକୁ ନେଇ ଲକ୍ଷ ଲକ୍ଷ ଟଙ୍କାର ଠକେଇ ଚାଲିଛି ତାହା ପରେ ଘଟଣାର ଖୋଳତାଡ ଆରମ୍ଭ ହୋଇଥିଲା । ଆଗକୁ ମଧ୍ୟ ଏହି ଘଟଣାର ତଦନ୍ତ ଜାରି ରହିବ । ସମସ୍ତ ଆକାଉଣ୍ଟ ହିତାଧିକାରୀଙ୍କ ତାଲିକା ସଂଗ୍ରହ କରି ଘଟଣାର ସଂପୂର୍ଣ୍ଣ ପର୍ଦ୍ଦାଫାସ୍ କରାଯିବ ବୋଲି ଛତ୍ରପୁର ଏସ୍‌ଡିପିଓ ଶ୍ରୀ ଘଡେଇ କହିଛନ୍ତି । ଅନ୍ୟପକ୍ଷରେ ଏହି ଅନ୍ଲାଇନ୍ ସାଇବର ଠକେଇର ମୁଖ୍ୟ ଏଜେଣ୍ଟ କୁହାଯାଉଥିବା କୁଜିପେ ଗ୍ରାମର ପବିତ୍ର ପ୍ରଧାନ ମଧ୍ୟ ଘଟଣା ସଂପର୍କରେ ଗଣମାଧ୍ୟମ ସମ୍ମୁଖରେ କହିଛନ୍ତି, କିପରି ଜମାଖାତା ଖୋଲିବା ପରେ ଏଠାରୁ ଦିଲ୍ଲୀକୁ ପଠାଉଥିଲେ ଏବଂ ସେହି ଜମାଖାତା, ଏଟିଏମ୍, ନେଇ ଅନ୍‌ଲାଇନ୍ ଜରିଆରେ ବିଭିନ୍ନ ଗେମିଂ ଓ ଠକେଇ କରି ଲକ୍ଷ ଲକ୍ଷ ଟଙ୍କା କାରବାର କରୁଥିଲା । ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ଛତ୍ରପୁର ଥାନା ଅଧିକାରୀ ସବ୍ୟସାଚି ମଲ୍ଲ ଉପସ୍ଥିତ ଥିଲେ ।



## ହାଇୱା ଧକ୍କାରେ ୩ ଯୁବକ ଗୁରୁତର

**ମୁରିବାହାଲ, ୨୨।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି – ଗୁଡିଘାଟ ରାସ୍ତା ସରଧାପୁର ଛକ ନିକଟରେ ଏକ ଅଜଣା ହାଇୱା ଗାଡି ଧକ୍କାରେ ତିନି ଜଣ ଯୁବକ ଗୁରୁତର ହୋଇଛନ୍ତି । ମୁରିବାହାଲ ଥାନା ବାବେଜୁରୀ ଗ୍ରାମର ପ୍ରଭୁଲାଲ ମାଝୀ (୧୯), ତରୁଣୀ ମାଝୀ (୨୦) ଓ ସଚିନ ମାଝୀ (୧୮) ରବିବାର ପୂର୍ବାହ୍ନରେ କଣ୍ଟାବାଞ୍ଜିରୁ ବାଇକ ଯୋଗେ ନିଜ ଗ୍ରାମ ବାବେଜୁରୀକୁ ଫେରୁଥିବା ବେଳେ ସରଧାପୁର ଗାଁ ଛକ ନିକଟରେ ସାମ୍ନା ପଟରୁ ଏକ ଅଜଣା ହାଇୱା ଗାଡି ଧକ୍କା ଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା । ଆହତଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କଲା ପରେ ବି ପହଞ୍ଚି ପାରିନଥିବାରୁ ଏକ ଘରୋଇ ଗାଡି ଯୋଗେ କଣ୍ଟାବାଞ୍ଜି ହସ୍ପିଟାଲକୁ ପହଞ୍ଚାଇ ଥିଲେ । ଆହତଙ୍କ ଅବସ୍ଥା ଗୁରୁତର ହେବାରୁ ବଲାଙ୍ଗିର ଭିମଭୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ତରଣୀ ଓ ସଚିନର ଡାହାଣ ଗୋଡରେ ଗୁରୁତର ଆଘାତ ହୋଇଥିବାରୁ ବଲାଙ୍ଗିର ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ପ୍ରଭୁଲାଳର ମୁଣ୍ଡରେ ଜୋର ଆଘାତ ଲାଗିଥିବାରୁ କାନ ଓ ପାଟିରୁ ପ୍ରଚୁର ରକ୍ତସ୍ରାବ ହୋଇ ଅବସ୍ଥା ଗୁରୁତର ହେବାରୁ ବୁର୍ଲା ଭିମସାର ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିବା ପରିବାର ଲୋକ ପ୍ରକାଶ କରିଛନ୍ତି । ସରକାର ସଡ଼କ ଦୁର୍ଘଟଣାରେ ପୀଡିତାଙ୍କ ସ୍ୱାସ୍ଥ୍ୟ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ଦୁର୍ଘଟଣା ସୂଚନା ମିଳିବାର ୧୦ ମିନିଟ ମଧ୍ୟରେ ଦୁର୍ଘଟଣା ସ୍ଥଳରେ ଆମ୍ବୁଲାନ୍ସ ପହଞ୍ଚିବା ପାଇଁ ଘୋଷଣା କରିଛନ୍ତି । କିନ୍ତୁ ଏଠାରେ ତାହା ଫେଲ ମାରିଥିଲା ।

## ଷଣ୍ଢ ହଣାକୁ ନେଇ ଉତ୍ତେଜନା

**ଯାଜପୁର, ୨୨।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଷଣ୍ଢ ହଣାକୁ କେନ୍ଦ୍ର କରି ଅଡ଼ଙ୍ଗ ଗାଁରେ ଟାୟାର ଜାଳି ଲୋକେ ରାସ୍ତାରୋକ କରିବା ସହ ଦୀର୍ଘ ସମୟ ଧରି ଚାପା ଉତ୍ତେଜନା ଲାଗି ରହିଥିବା ଦେଖିବାକୁ ମିଳିଥିଲା । ଘଟଣାରୁ ପ୍ରକାଶ, ଯାଜପୁର ବ୍ଲକ ନାଥସାହି ପଞ୍ଚାୟତ ଅଡ଼ଙ୍ଗ ଗ୍ରାମରେ କେହି ଦୁର୍ବୃତ୍ତ ଏକ ଷଣ୍ଢର ପଛପଟ ଡାହାଣ ଗୋଡ଼କୁ ହାଣି ଦେଇଥିଲେ । ଏହାକୁ କେନ୍ଦ୍ର କରି ଅଡ଼ଙ୍ଗ ଗ୍ରାମର ଲୋକେ ଉତ୍ତ୍ୟକ୍ତ ହେବା ସହ ଅଡ଼ଙ୍ଗ ସେତୁକୁ ବାଉଁଶ ବାନ୍ଧି ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଖବର ପାଇ ଘଟଣାସ୍ଥଳରେ ସଦର ପୁଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ । ଭ୍ରାମ୍ୟମାଣ ପଶୁ ଚିକିତ୍ସାଧିକାରୀ ଡାକ୍ତର ପହଞ୍ଚି ଷଣ୍ଢର ଗୋଡ଼କୁ ଦୀର୍ଘ ସମୟ ଧରି ଚିକିତ୍ସା କରିଥିଲେ। ଚାପା ଉତ୍ତେଜନା ଲାଗି ରହିଥିବାରୁ ଘଟଣାସ୍ଥଳରେ ଜିଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୀତିକଣ୍ଠ କାନୁନଗୋ, ଏସ୍‌ଡିପିଓ ପ୍ରଶାନ୍ତ କୁମାର ମାଝୀ, ଯାଜପୁର ଥାନାଧିକାରୀ ଦାୟିତ୍ୱରେ ଥିବା ଡିଏସ୍‌ପି ଶରତ ଚନ୍ଦ୍ର ପାତ୍ର, ସଦର ଥାନାଧିକାରିଣୀ ଚିନ୍ମୟୀ ବେହେରା ସମେତ ପୁଲିସ ଫୋର୍ସ ପହଞ୍ଚିଥିଲେ। ଏହି ଘଟଣାର ଯେପରି ପୁନରାବୃତ୍ତି ନ ହେଉ ଓ ଦୋଷୀ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ଅଡ଼ଙ୍ଗ ଗ୍ରାମର ବହୁ ଲୋକେ ଘଟଣାସ୍ଥଳରେ ଉପରୋକ୍ତ ଅଧିକାରୀଙ୍କୁ ଏକ ଲିଖିତ ଅଭିଯୋଗ କରିଥିଲେ।

## ବେତନଟୀରେ ସିରିଜ ଦୁର୍ଘଟଣା

**ବେତନଟୀ, ୨୨।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ବେତନଟୀ ଥାନା ଅଧୀନ ବେତନଟୀ ବଡ଼ସାହି ରାସ୍ତାରେ ମହୁଲିଆ ହାଟ ନିକଟରେ ରବିବାର ସନ୍ଧ୍ୟାରେ ସ୍କୁଟି, ବାଇକ ଓ କାର ମଧ୍ୟରେ ଧକ୍କା ହେବାରୁ ଦୁଇ ଜଣ ଗୁରୁତର ହୋଇଛନ୍ତି । ଗୁରୁତରମାନଙ୍କୁ ବେତନଟୀ ଅଗ୍ନିଶମ ବିଭାଗ ଗାଡ଼ିରେ ଦୁର୍ଘଟଣା ସ୍ଥାନରୁ ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା । ସେମାନଙ୍କ ଅବସ୍ଥା ଅଧିକ ସଙ୍କଟାପର୍ଣ୍ଣ ଥିବାରୁ ୧୦୮ ଆମ୍ବୁଲାନ୍ସ ଯୋଗେ ବାରିପଦା ପିଆରଏମ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ଏହି ଗୁରୁତରମାନେ ହେଲେ ବଡ଼ସାହି ଥାନା ଅଧୀନ କାଣିମହୁଲି ଗ୍ରାମର ରତିକାନ୍ତ ହାଁସଦା ଙ୍କ କନ୍ୟା ସାନ୍ଧ୍ୟାରାଣୀ ହାଁସଦା (୧୪) ଓ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି ବେତନଟୀ ଥାନା ଅଧୀନ ଏସ ଏସ ମହୁଲିଆ (ଇନ୍ଦିରା ନଗର) ଆଲୋକ ବାରିକ (୩୨) ବୋଲି ଜଣାପଡିଛି । ଘଟଣାରୁ ପ୍ରକାଶ ଏକ ସ୍କୁଟିରେ ସନ୍ଧ୍ୟାରାଣୀ ହାଁସଦା ତାଙ୍କ ଭାଇଙ୍କ ସହିତ ବେତନଟୀରୁ କାଣିମହୁଲି ସ୍ଥିତ ଘରକୁ ଯାଉଥିବା ବେଳେ ମହୁଲିଆ ହାଟ ନିକଟରେ ଏକ ବାଇକ ସହିତ ଦୁର୍ଘଟଣା ଘଟିଥିଲା । ଅନ୍ୟ ଜଣେ ଗୁରୁତର ଆଲୋକ ବାରିକ ବଡ଼ସାହି ରୁ ବେତନଟୀ ଅଭିମୁଖେ ଆସୁଥିବା ବେଳେ ଏହି ହାଟ ନିକଟରେ ସମ୍ମୁଖ ପଟୁ ସ୍କୁଟିକୁ ଧକ୍କା ଦେବା ପରେ ଅନ୍ୟ ଏକ କାର ସହିତ ପିଟି ହୋଇଯାଇଥିଲା । ଏହି ଘଟଣା ଘଟିବା ପରେ ବଡ଼ସାହିରୁ ବେତନଟୀ ଅଭିମୁଖେ ଆସୁଥିବା ପୂର୍ବତନ ବଡ଼ସାହି ବିଧାୟକ ଗଣେଶ୍ୱର ପାତ୍ର (ମଣ୍ଟୁ) ଘଟଣାସ୍ଥଳରେ ଅଟକି ରହି ମାନବିକତା ଦେଖାଇ ଗୁରୁତର ଥିବା ସନ୍ଧ୍ୟା ରାଣୀ ହାଁସଦା, ଆଲୋକ ବାରିକ ଏବଂ ସତ୍ୟଜିତ ହାଁସଦାଙ୍କୁ ଅଗ୍ନିଶମ ଗାଡ଼ିରେ ବେତନଟୀ ଡାକ୍ତରଖାନାକୁ ଆଣି ଥିଲେ । ପ୍ରାକ୍ତନ ବିଧାୟକ ଡାକ୍ତରଖାନାରେ ଉପସ୍ଥିତ ରହି ଗୁରୁତରମାନଙ୍କୁ ପ୍ରାଥମିକ ଚିକିତ୍ସା କରାଇବା ପରେ ଗୁରୁତର ଆହତଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବାରିପଦା ପି ଆର ଏମ ମେଡିକାଲକୁ ପଠାଇଥିଲେ । ବେତନଟୀ ପୋଲିସ ଦୁର୍ଘଟଣା ସ୍ଥଳରୁ ସ୍କୁଟି, କାର ଏବଂ ବାଇକକୁ ଜବତ କରି ବେତନଟୀ ଥାନାକୁ ଆଣିଥିବା ଜଣା ପଡିଛି ।

## ୨୦ ବର୍ଷ ଧରି ପୁନର୍ବାସ ପ୍ରବଞ୍ଚନାର ଶିକାର ଜେମା ହାଇବ୍ରୁ

**କଳିଙ୍ଗନଗର, ୨୨।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

କଳିଙ୍ଗନଗର ଶିଳ୍ପାଞ୍ଚଳର ଟାଟା କାରଖାନା ମୁଖ୍ୟ ଫାଟକ ସମ୍ମୁଖରେ ଘଟିଥିବା ଶବ ରଖି ଧାରଣା ଘଟଣା ୧୮ ଘଣ୍ଟା ପରେ ପ୍ରଶାସନ ପକ୍ଷରୁ କ୍ଷତିପୂରଣ ପ୍ରତିଶ୍ରୁତି ମିଳିବା ସହ ପ୍ରତ୍ୟାହୃତ ହୋଇଛି। ଧାରଣା ପରେ ଶବ ଉଠାଯାଇଥିଲା ।

ସୂଚନାଯୋଗ୍ୟ, ଟାଟା ଷ୍ଟିଲ ପ୍ରତିଷ୍ଠା ସମୟରେ ଗାଡ଼ପୁର ଅଞ୍ଚଳର ମାର୍କଣ୍ଡ ହାଇବ୍ରୁଙ୍କ ଝିଅ ଜେମା ହାଇବ୍ରୁ କାରଖାନା ପାଇଁ ଜମି–ବାଡ଼ି ହରାଇ ବିସ୍ଥାପିତ ହୋଇଥିଲେ । କିନ୍ତୁ ପ୍ରଶାସନିକ ତ୍ରୁଟି ଯୋଗୁ ୨୦ ବର୍ଷ ଧରି ସରକାରଙ୍କ ପୁନର୍ବାସ ଓ ଥଇଥାନ ନୀତି ଅନୁଯାୟୀ କୌଣସି କ୍ଷତିପୂରଣ ଓ ସୁବିଧା ପାଇନଥିବା ଅଭିଯୋଗ ହୋଇଛି । ସର୍ଭେ ସମୟରେ ଜେମାଙ୍କ ନାମ ସଠିକ ଭାବେ ପଞ୍ଜିକୃତ ହୋଇନଥିବାରୁ ସେ ପୁନର୍ବାସ ନୀତି ଅନୁସାରେ ମିଳୁଥିବା ସମସ୍ତ ସୁବିଧାରୁ ବଞ୍ଚିତ ହୋଇଥିବା କୁହାଯାଇଛି । ତାଙ୍କ ସାନ ଭଉଣୀ ପୁନର୍ବାସ ନୀତି ଅନୁଯାୟୀ ୧୦ ଡିସିମିଲି ଜମି ସହ ଟାଟା କାରଖାନାରେ ନିଯୁକ୍ତି ପାଇଥିବା ବେଳେ, ବଡ଼ ଭଉଣୀ ଜେମା ପ୍ରଶାସନିକ ଭୁଲ ଯୋଗୁ ହକରୁ ବଞ୍ଚିତ ହୋଇଥିଲେ । ନିଜ ହକ ପାଇଁ ଜେମା ବାରମ୍ବାର ପ୍ରଶାସନିକ ଓ ଟାଟା ପଦାଧିକାରୀଙ୍କୁ ଭେଟି ଦାବି ରଖିଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା । ଦୀର୍ଘଦିନର ମାନସିକ ଯନ୍ତ୍ରଣାରେ ସେ ଅବସାନରେ ମୃତ୍ୟୁବରଣ କରିଥିବା ପରିବାର ଅଭିଯୋଗ କରିଛି । ଜେମାଙ୍କୁ ସରକାରଙ୍କ ପୁନର୍ବାସ–ଥଇଥାନ ନୀତି ଅନୁଯାୟୀ କ୍ଷତିପୂରଣ ଦେବା ଦାବିରେ ବିସ୍ଥାପିତ ପରିବାର ଟାଟା ଫାଟକ ସାମ୍ନାରେ ଶବ ରଖି ଧାରଣା ଦେଇଥିଲେ । ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା । ଘଟଣାସ୍ଥଳରେ କଳିଙ୍ଗନଗର ଏଡିଏମ୍ ସପନ କୁମାର ନନ୍ଦ, ଦାନଗଦି ତହସିଲଦାର ରଞ୍ଜିତ ମଲିକ, ଭୂ–ଅର୍ଜନ ଅଧିକାରୀ ନମ୍ରତା ମୋଦୀ ଓ କଳିଙ୍ଗନଗର ଥାନା ଅଧିକାରୀ ପ୍ରକାଶ ସାହୁ ଉପସ୍ଥିତ ରହି ବିସ୍ଥାପିତ ପରିବାର ସଦସ୍ୟ ବାବୁଲି ହାଇବ୍ରୁ, ରବି ଜାରିକା, ବାବୁଲି ପୂର୍ତ୍ତି, ସ୍ୱର୍ଣ୍ଣଲତା ବାନରା ପ୍ରମୁଖଙ୍କ ସହ ଆଲୋଚନା କରିଥିଲେ । ସୁଦ୍ଧିକ୍ରିୟା ନିମନ୍ତେ ୧ ଲକ୍ଷ ଟଙ୍କା କ୍ଷତିପୂରଣ ଧାର୍ଯ୍ୟ ହୋଇଥିବା ବେଳେ, ତତ୍କାଳ ୨୦ ହଜାର ଟଙ୍କା ନଗଦ ଓ ଶେଷ ୮୦ ହଜାର ଟଙ୍କା ୭ ଦିନ ମଧ୍ୟରେ ଜିଲ୍ଲାପାଳଙ୍କ ଦ୍ୱାରା ଦିଆଯିବ ବୋଲି ପ୍ରତିଶ୍ରୁତି ମିଳିଛି ।

୧୯୯୨ ମସିହା ସର୍ଭେରେ ଜେମାଙ୍କ ନାମ ବିସ୍ଥାପିତ ତାଲିକାରେ ଥିବା ସତ୍ତ୍ୱେ କାହିଁକି ତାଙ୍କୁ ନ୍ୟାୟସଙ୍ଗତ ହକ ମିଳିଲା ନାହିଁ–ଏନେଇ ଆଦିବାସୀ ନେତାମାନେ ପ୍ରଶ୍ନ ଉଠାଇଛନ୍ତି ।

# ବୈଶିଙ୍ଗାରେ ବିଏସ୍ଏନ୍ଏଲ୍ ସେବା ଠପ୍

**ବୈଶିଙ୍ଗା, ୨୨।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ସ୍ୱାଧୀନତା ପରଠାରୁ ଦେଶରେ ଯୋଗାଯୋଗ କ୍ଷେତ୍ରରେ ଯେତେବେଳେ କୌଣସି ଟେଲି ଯୋଗାଯୋଗ ସଂସ୍ଥା କାର୍ଯ୍ୟକାରୀ ହୋଇ ପାରି ନଥିଲା, ସେତେବେଳେ କେବଳ ଭାରତ ସଂଚାର ନିଗମ ଲିମିଟେଡ ସଂସ୍ଥା ଯୋଗାଯୋଗ କ୍ଷେତ୍ରରେ ପ୍ରସାର କରି ପାରିଥିଲା । ଏହାପରେ ଯେତେ ଘରୋଇ ଟେଲି ଯୋଗାଯୋଗ ସଂସ୍ଥା ଦେଶରେ କାର୍ଯ୍ୟକାରୀ ହୋଇଛି ସେସବୁ ବିଏସଏନଏଲ ମାଧ୍ୟମରେ ସାଧାରଣ ଲୋକଙ୍କୁ ସେବା ଯୋଗାଇଥିଲା ଏବେ ବି ଯୋଗାଇ ଚାଲିଛି । ଫରକ ହେଉଛି ଘରୋଇ ଟେଲି ସଂସ୍ଥା ନିଜର କାୟା ବିସ୍ତାର କରି ଗାଁ ଗହଳିରେ ଲକ୍ଷ ଲକ୍ଷ ଟାୱାର ସ୍ଥାପନ କରି ସେବାର ମାନ ବଢାଇଛି ସତ ମାତ୍ର ଲୋକଙ୍କ ପକେଟକୁ ଲୁଟ କରି ଚାଲିଛନ୍ତି । କିନ୍ତୁ ଯୋଗାଯୋଗ କ୍ଷେତ୍ରରେ ସେହି ବିଏସଏନଏଲ ସେତେବେଳେ ମହାଗୁରୁ ପାଲଟିଥିଲେ ମଧ୍ୟ ଏବେ କୋମାରେ ଥିବା ଜଣାଯାଇଛି । ଏହାର ଉଦାହରଣ ପାଲଟିଛି ବୈଶିଙ୍ଗା ବିଏସଏନଏଲ କାର୍ଯ୍ୟାଳୟ । ୧୯୯୫ ମସିହାରେ ଯେତେବେଳେ ଏକ୍ସଚେଞ୍ଜ କାର୍ଯ୍ୟକାରୀ ହେଲା ସେତେବେଳେ ମାତ୍ର ୧୦ଟି ଲ୍ୟାଣ୍ଡଲାଇନ ଜରିଆରେ ହିତାଧିକାରୀଙ୍କୁ ସଂଯୋଗ ଦିଆଯାଇଥିଲା । ପରେ ୨୫୬ ଏବଂ ପରେ ୫୧୨ ହିତାଧିକାରୀ ସୃଷ୍ଟି କରି ପାରିଥିଲା । ବିଭାଗୀୟ ଲାଇନ ମ୍ୟାନ, ହେଲପର, କନିଷ୍ଠ ଯନ୍ତ୍ରୀଙ୍କ ସହିତ ବିଦ୍ୟୁତର ବିକଳ୍ପ ଭାବେ ନିଜସ୍ୱ ଜେନେରେଟର ମଧ୍ୟ ବ୍ୟବସ୍ଥା କରାଯାଇଥିଲା । ଘରେ ଘରେ ଲୋକେ ଲ୍ୟାଣ୍ଡଲାଇନ ଯୋଗେ ଉନ୍ନତ ସେବା ପାଇ ପାରୁଥିଲେ । ମାତ୍ର ମୋବାଇଲ ଫୋନ ବ୍ୟବହାର ଆରମ୍ଭ ହେବା ପରେ ଲ୍ୟାଣ୍ଡଲାଇନକୁ ହତାଦର କରିବା ସହିତ ବିଭାଗୀୟ କର୍ମଚାରୀ ଶୂନ କରି ଦିଆଗଲା । ଫଳରେ ସେବାରେ ବ୍ୟାଘାତ ସୃଷ୍ଟି ହେଲା । ସେହିଭଳି ମୋବାଇଲ କ୍ଷେତ୍ରରେ ଘରୋଇ କମ୍ପାନୀମାନେ ୨ଜି ନେଟୱାର୍କ ରୁ ୫/୬ ଜି ନେଟୱାର୍କ ଜରିଆରେ ଦୃତ ଗତିରେ ଗ୍ରାହକଙ୍କୁ ସେବା ଯୋଗାଉଥିବା ବେଳେ ବିଏସଏନଏଲ ସେହି ପୂର୍ବ ୪ଜି ନେଟ୍‌ୱାର୍କ ପ୍ରସାରଣ କରି ଚାଲିଛି । ଫଳରେ ଗ୍ରାହକମାନେ ବିଏସଏନଏଲ ପରିବର୍ତ୍ତେ ଘରୋଇ କମ୍ପାନୀ ରିମ୍, ଏୟାରଟେଲ, ଜିଓ, ରିଲାଏନ୍ସ, ଟାଟା ଭଳି ଯୋଗାଯୋଗ ସଂସ୍ଥା ପ୍ରତି ମନ ବଳାଉଛନ୍ତି । ଏପଟେ ବୈଶିଙ୍ଗା ଏକ୍ସଚେଞ୍ଜରେ ଥିବା ଜେନେରେଟର ଚାଲୁନାହିଁ, କର୍ମଚାରୀ ନାହାନ୍ତି, ନେଟୱାର୍କ ଯନ୍ତ୍ର କାମ କରୁ ନାହିଁ କିମ୍ବା ଖରାପ ହେଲେ ସଜାଡ଼ିବାକୁ ଦିନ ଦିନ ବିତିଯାଉଛି । ଏଭଳି ସ୍ଥଳେ ବିଏସଏନଏଲ ଗ୍ରାହକମାନେ କରିବେ କ'ଣ ତାହା ଚିନ୍ତାର ବିଷୟ ପାଲଟିଛି । ବିଭାଗୀୟ ଅଧିକାରୀ ଯଦି ତୁରନ୍ତ ପଦକ୍ଷେପ ନେଇ ଏହି ଏକ୍ସଚେଞ୍ଜର ନବକଳେବର ନ କରନ୍ତି ତେବେ ଗ୍ରାହକମାନେ ଭୁଲିଯିବେ ଯେ ବିଏସଏନଏଲ ଟେଲି ଯୋଗାଯୋଗ ସଂସ୍ଥା ଥିଲା ବୋଲି ।



ଆମ ଦେଶ ବିକାଶିତ ହେବାକୁ ଲାଗିଛି ଖୁବ୍ ଦୃଢ଼ ଗତିରେ । ଆମ ଦେଶ ଅନ୍ୟାନ୍ୟ ବିକଶିତ ଦେଶ ସହ ବିଶ୍ୱ ଗଠନ ଆଲୋଚନାରେ ମଧ୍ୟ ଭାଗ ନେଉଛି । ଏଭଳି ଏକ ସମୟରେ ସେନା ଅଧିକାରୀଙ୍କ ବିରୋଧରେ ଯଦି ଅସାଧୁତାର ଆରୋପ ଆସେ ଏହା ଦେଶ ପ୍ରତି ବିପଦ ସୃଷ୍ଟି କରିବା ସହିତ ଦେଶର ପରିଚୟକୁ ମଧ୍ୟ ମଳିନ କରିବ । ଆମ ସେନା ନୀତିନିଷ୍ଠ ନୁହଁନ୍ତି ଏହା ଏକ ଲଜ୍ଜା, ଦୁଃଖଦାୟକ ଏବଂ ଆତଙ୍କପ୍ରଦ ଖବର ନିହାତି ଭାବରେ । ଏହିଭଳି ଅସାଧୁ ସେନା ଅଧିକାରୀ ଆଉ ଅଛନ୍ତି କି ନାହିଁ ତା'ର ମଧ୍ୟ ଯାଞ୍ଚ ହେବା ଜରୁରୀ ।


ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ | ଭୁବନେଶ୍ୱର | ୨୩ ଡିସେମ୍ବର, ୨୦୨୫ | ମଙ୍ଗଳବାର

# ଓଡ଼ିଶା ଏକ୍ସପ୍ରେସ୍


## ସେନା ଅଧିକାରୀ ଯଦି ଅସାଧୁ ହୁଅନ୍ତି!

ପ୍ରତିଦିନ ଗଣମାଧ୍ୟମର ଖବର ଭିତରେ କେଉଁଠି ନା କେଉଁଠି ସରକାରୀ ଅଧିକାରୀ ଲାଞ୍ଚ ଏବଂ ଅସାଧୁତା ପାଇଁ ଧରାପଡ଼ିବା ଭଳି ଖବର ପ୍ରକାଶ ପାଉଛି । ନ୍ୟାୟପାଳିକାର ବିଚାରକମାନଙ୍କ ଆଡକୁ ମଧ୍ୟ ଅଙ୍ଗୁଳି ନିର୍ଦ୍ଦେଶ ହେଉଛି । ଯେଉଁମାନେ ନ୍ୟାୟ-ଅନ୍ୟାୟକୁ ତଉଲିବାର ଦାୟିତ୍ୱରେ ଅଛନ୍ତି ଏବଂ ନିର୍ଦ୍ଦୋଷକୁ ସୁରକ୍ଷା ଦେବା ଯେଉଁମାନଙ୍କର କର୍ତ୍ତବ୍ୟ ସେମାନେ ଯଦି ମାପ ତଉଲରେ ନିରପେକ୍ଷତା ନ ରଖନ୍ତି ତା'ହେଲେ ସାଧାରଣ ଲୋକଙ୍କର ଆସ୍ଥା ନିଶ୍ଚିତ ଭାବରେ ନ୍ୟାୟପାଳିକା ଉପରୁ ତୁଟିଯିବ । ଲୋକମାନେ ଯେତେବେଳେ ସବୁଆଡୁ ହତାଶ ହୁଅନ୍ତି ସେତେବେଳେ ନ୍ୟାୟପାଳିକାର ଦ୍ୱାରସ୍ତ ହୁଅନ୍ତି । ସେଠୁ ଯଦି ସୁରକ୍ଷା ନ ମିଳିଲା ସିଏ କରିବ କ'ଣ? ଆଉ କାହା ପାଖକୁ ଯିବ?

ଏବେ ସେନା ଅଧିକାରୀମାନେ ମଧ୍ୟ ଦୁର୍ନୀତି ଜାଲରେ ପଡୁଥିବାର ଖବର ପ୍ରକାଶ ପାଉଛି । ପ୍ରଶ୍ନ ଉଠୁଛି ଏମାନଙ୍କ ହାତରେ ଦେଶର ସାର୍ବଭୌମତ୍ୱ ଏବଂ ଅଖଣ୍ଡତା କେତେ ସୁରକ୍ଷିତ ରହିପାରିବ? ଧରାନପଡ଼ିଥିବା ଲାଞ୍ଚୁଆ ସେନା ଅଧିକାରୀ ଯେ ନଥିବେ ଏକଥା କ'ଣ ଜୋର ଦେଇ କହିହେବ?

ନିକଟରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ପ୍ରତିରକ୍ଷା ମନ୍ତ୍ରଣାଳୟରେ ନିୟୋଜିତ ଜଣେ ସେନା ଅଧିକାରୀଙ୍କୁ ଲାଞ୍ଚ ନେବା ଅଭିଯୋଗରେ ଗିରଫ କରିଛି । ଲେଫ୍ଟନାଣ୍ଟ କର୍ଣ୍ଣେଲ ଦୀପକ କୁମାର ଶର୍ମାଙ୍କ ବିରୁଦ୍ଧରେ ବେଙ୍ଗାଲୁରୁର ଏକ କମ୍ପାନୀରୁ ୩ ଲକ୍ଷ ଟଙ୍କା ଲାଞ୍ଚ ନେବାର ଅଭିଯୋଗ ହୋଇଛି । ଶର୍ମାଙ୍କ ଘରୁ ସିବିଆଇ ୨.୩୬ କୋଟି ଟଙ୍କା ମଧ୍ୟ ଜବତ କରିଛି। ଶର୍ମାଙ୍କ ପତ୍ନୀ କର୍ଣ୍ଣେଲ କାଜଲ ବାଲିଙ୍କ ବିରୋଧରେ ମଧ୍ୟ ସିବିଆଇ ମାମଲା ରୁଜୁ କରିଛି । ତଲାସୀ ସମୟରେ କାଜଲଙ୍କ ଘରୁ ୧୦ ଲକ୍ଷ ଟଙ୍କା ଉଦ୍ଧାର କରାଯାଇଛି । କାଜଲ ଶ୍ରୀଗଙ୍ଗାନଗର (ରାଜସ୍ଥାନ)ରେ ଥିବା ଡିଭିଜନର କମାଣ୍ଡିଂ ଅଫିସର। ଏହି ମାମଲାରେ ମଧ୍ୟସ୍ଥି ବିନୋଦ କୁମାରଙ୍କୁ ମଧ୍ୟ ଗିରଫ କରାଯାଇଛି । ଉଭୟ ଡିସେମ୍ବର ୨୩ ପର୍ଯ୍ୟନ୍ତ ସିବିଆଇ ହେପାଜତରେ ରହିବେ । ଡିସେମ୍ବର ୧୯ ତାରିଖରେ ମିଳିଥିବା ସୂଚନା ଆଧାରରେ ମାମଲା ରୁଜୁ କରାଯାଇଛି । ସିବିଆଇ ଅନୁଯାୟୀ, ଲେଫ୍ଟନାଣ୍ଟ କର୍ଣ୍ଣେଲଙ୍କ ବିରୋଧରେ ପ୍ରତିରକ୍ଷା ଉତ୍ପାଦର ନିର୍ମାଣ ଏବଂ ରପ୍ତାନିରେ ଜଡିତ ଘରୋଇ କମ୍ପାନୀଗୁଡ଼ିକୁ ଲାଭ ପହଞ୍ଚାଇବାର ଅଭିଯୋଗ ରହିଛି। ସମ୍ବାଦ ସରବରାହ ସଂସ୍ଥା ଏଏନ୍ଆଇ ପ୍ରତିରକ୍ଷା ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀଙ୍କ ସୂଚନା ଆଧାରରେ ଖବର କରିଛି ଯେ, ଭାରତ ସରକାରଙ୍କ ଦୁର୍ନୀତି ବିରୁଦ୍ଧରେ ଶୂନ୍ୟ ସହନଶୀଳତା ନୀତି ଅନୁଯାୟୀ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ସେନା ଅଧିକାରୀଙ୍କ ଗିରଫଦାରୀ ଦୁର୍ନୀତି ରୋକିବା ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ଦର୍ଶାଉଛି ।

ସେନାବାହିନୀରେ କାର୍ଯ୍ୟ କରୁଥିବା ସେନା ଏବଂ ସେନା ଅଧିକାରୀମାନେ ଅଧିକ ଶୃଙ୍ଖଳିତ ହୋଇଥାନ୍ତି ଅନ୍ୟ ବିଭାଗର କର୍ମଚାରୀମାନଙ୍କ ଅପେକ୍ଷା । ଦେଶ ଜଗିବାର ଦାୟିତ୍ୱ ସେମାନଙ୍କ ହାତରେ ନ୍ୟସ୍ତ କରାଯାଇଛି । ଏମାନେ ଯଦି ଅସାଧୁ ହେବେ ତା'ହେଲେ ଦେଶ ତା'ର ଅଖଣ୍ଡତା କିଭଳି ବଜାୟ ରଖିବ ।

ଆମ ଦେଶ ବିକାଶିତ ହେବାକୁ ଲାଗିଛି ଖୁବ୍ ଦୃଢ଼ ଗତିରେ । ଆମ ଦେଶ ଅନ୍ୟାନ୍ୟ ବିକଶିତ ଦେଶ ସହ ବିଶ୍ୱ ଗଠନ ଆଲୋଚନାରେ ମଧ୍ୟ ଭାଗ ନେଉଛି । ଏଭଳି ଏକ ସମୟରେ ସେନା ଅଧିକାରୀଙ୍କ ବିରୋଧରେ ଯଦି ଅସାଧୁତାର ଆରୋପ ଆସେ ଏହା ଦେଶ ପ୍ରତି ବିପଦ ସୃଷ୍ଟି କରିବା ସହିତ ଦେଶର ପରିଚୟକୁ ମଧ୍ୟ ମଳିନ କରିବ । ଆମ ସେନା ନୀତିନିଷ୍ଠ ନୁହଁନ୍ତି ଏହା ଏକ ଲଜ୍ଜା, ଦୁଃଖଦାୟକ ଏବଂ ଆତଙ୍କପ୍ରଦ ଖବର ନିହାତି ଭାବରେ । ଏହିଭଳି ଅସାଧୁ ସେନା ଅଧିକାରୀ ଆଉ ଅଛନ୍ତି କି ନାହିଁ ତା'ର ମଧ୍ୟ ଯାଞ୍ଚ ହେବା ଜରୁରୀ ।

## ମନ୍ତ୍ରୀ, ବିଧାୟକଙ୍କ ବେତନ ବୃଦ୍ଧି : ରାଜ୍ୟ ସ୍ୱାର୍ଥରେ ନା ବ୍ୟକ୍ତି ସ୍ୱାର୍ଥରେ?



ନିର୍ମଳ ଚନ୍ଦ୍ର ସାମଲ

ଭାରତବର୍ଷର ସ୍ୱାଧୀନତା ଆନ୍ଦୋଳନକୁ ଲବଣ ସତ୍ୟାଗ୍ରହ ତ୍ୱରାନ୍ୱିତ କରିଥିଲା। ସାବରମତି ଆଶ୍ରମରୁ ଦାଣ୍ଡି ଅଭିମୁଖେ ପଦଯାତ୍ରାରେ ବାହାରିବା ପୂର୍ବରୁ ୧୯୩୦ ମାର୍ଚ୍ଚ ୨ ତାରିଖରେ ମହାତ୍ମା ଗାନ୍ଧୀ ସେତେବେଳର ବଡ଼ଲାଟ ଲର୍ଡ ଇରୱିନଙ୍କୁ ଏକ ସୁଦୀର୍ଘ ପତ୍ର ଲେଖିଥିଲେ । ରେଜିନାଲ୍ଡ ଡୋନାଲ୍ଡ ନାମକ ଜଣେ ଖଦି ବସ୍ତ୍ର ପରିହିତ ୟୁରୋପୀୟ ଯୁବକ ପତ୍ର ବାହକ ଭାବେ ସାବରମତିରୁ ଦିଲ୍ଲୀ ଯାଇଥିଲେ। ଏହି ପତ୍ରରେ ଗାନ୍ଧୀଜୀ ଲୁଣଠାରୁ ନିଶା ଏମିତିକି ଆର୍ଥିକ ବୈଷମ୍ୟ ପର୍ଯ୍ୟନ୍ତ ବିଭିନ୍ନ ପ୍ରସଙ୍ଗ ଉଠାଇଥିଲେ ।

ଆଇନ ଅମାନ୍ୟ ଆନ୍ଦୋଳନ ପୂର୍ବରୁ ଗାନ୍ଧୀ ଯେଉଁ ଚିଠି ଲେଖିଥିଲେ ସେଥିରେ ଅନ୍ୟାନ୍ୟ ସୁବିଧା ସୁଯୋଗ ସହିତ ବଡ଼ଲାଟ କାହିଁକି ମାସକୁ ୨୧ ହଜାର ଟଙ୍କା ଦରମା ନେଉଛନ୍ତି ବୋଲି ପ୍ରଶ୍ନ କରିଥିଲେ । ସେ ସମୟରେ ବ୍ରିଟିଶ ପ୍ରଧାନମନ୍ତ୍ରୀ ଯେଉଁ ମାସିକ ଦରମା ପାଉଥିଲେ ଭାରତୀୟ ମୁଦ୍ରାରେ ତା'ର ପରିମାଣ ପ୍ରାୟ ୫ ହଜାର ୪୦୦ ଟଙ୍କା ଥିଲା । ଅର୍ଥାତ ବ୍ରିଟିଶ ପ୍ରଧାନମନ୍ତ୍ରୀଙ୍କ ଦୈନିକ ଦରମା ହାରାହାରି ୧୮୦ ଟଙ୍କା ଥିବାବେଳେ ଭାରତର ବଡ଼ଲାଟ କାହିଁକି ଦିନକୁ ପ୍ରାୟ ୭୦୦ ଟଙ୍କା ଦରମା ନେବେ ବୋଲି ସେ ପ୍ରଶ୍ନ କରିଥିଲେ। ଗାନ୍ଧୀଜୀଙ୍କ ଯୁକ୍ତି ଥିଲା ଯେ ସେ ସମୟରେ ଭାରତୀୟମାନଙ୍କର ଦୈନିକ ହାରାହାରି ମୁଣ୍ଡପିଚ୍ଛା ଆୟ ମାତ୍ର ୨ ଅଣା ଥିବାବେଳେ ଏହାର ବଡ଼ଲାଟଙ୍କର ଦୈନିକ ହାରାହାରି ଦରମା ୭୦୦ ଟଙ୍କା ରଖାଯିବା ଅଯୌକ୍ତିକ। ବଡ଼ଲାଟ ଓ ସାଧାରଣ ଲୋକଙ୍କ ଆୟରେ ଆକାଶ-ପାତାଳ ତାରତମ୍ୟ ଆର୍ଥିକ ଅସମାନତାର ନଗ୍ନ ଉଦାହରଣ ବୋଲି ସେ ଉଲ୍ଲେଖ କରିଥିଲେ । ଏଠାରେ ଉଲ୍ଲେଖନୀୟ ଯେ ଭାରତର ଲୋକପ୍ରତିନିଧିମାନେ ବିଳାସ ବ୍ୟସନରେ ନରହି ସାଧାରଣ ଲୋକଙ୍କ ଭଳି ଜୀବନଯାପନ କଲେ ସେମାନେ ଭଲ ଦେଶ ସେବକ ହୋଇପାରିବେ ବୋଲି ଗାନ୍ଧୀଜୀ ବାରମ୍ବାର ଉଲ୍ଲେଖ କରୁଥିଲେ ।

୧୯୩୦ରେ ଭାରତର ବଡ଼ଲାଟଙ୍କ ବେତନ ପ୍ରସଙ୍ଗରେ ସ୍ୱାଧୀନତା ଆନ୍ଦୋଳନର ଅଗ୍ରଗଣ୍ୟ ନେତା ଗାନ୍ଧୀଜୀଙ୍କର ଯେଉଁ ପ୍ରତିକ୍ରିୟା ଥିଲା ତାହା କେବଳ ସ୍ୱାଧୀନୋତ୍ତର ଭାରତବର୍ଷରେ ରାଜ୍ୟନେତା ଓ ଅଧିକାରୀମାନଙ୍କ ବିଳାସପୂର୍ଣ୍ଣ ଜୀବନଯାପନ ଏବଂ ବିଶେଷକରି ଓଡ଼ିଶା ଭଳି ଏକ ପଛୁଆ ରାଜ୍ୟର ବିଧାୟକଙ୍କଠାରୁ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ଜନପ୍ରତିନିଧିମାନଙ୍କ ବେତନ ଓ ଭତ୍ତା ବୃଦ୍ଧି କରି ଦେଶରେ ଏକ ନମ୍ବର ରାଜ୍ୟ ଭାବେ ଏ କ୍ଷେତ୍ରରେ ଓଡ଼ିଶାକୁ ପରିଚିତି ମିଳିବା ଭିତ୍ତିଭୂମିରେ ସ୍ୱତନ୍ତ୍ର ଆଲୋଚନାର ସୁଯୋଗ ସୃଷ୍ଟି କରିଛି । ତେବେ ବିଧାନସଭାରେ ଏ ସଂକ୍ରାନ୍ତୀୟ ବିଲ ଏକପ୍ରକାର ସର୍ବସମ୍ମତିକ୍ରମେ ପାରିତ ହୋଇଯିବା ପରେ ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ଯେଉଁ କମ୍ପନ ସୃଷ୍ଟି ହୋଇଛି ତାହାକୁ ଅନୁଭବ କରି ଉଭୟ ଶାସକ ଓ ବିରୋଧୀ ଦଳ ବର୍ଦ୍ଧିତ ବେତନ / ଭତ୍ତା କମାଇବା ପାଇଁ ବିବୃତି ଯୁଦ୍ଧ ଚଳାଇଛନ୍ତି ।

ଓଡ଼ିଶାର ପ୍ରାୟ ୫୬ ଲକ୍ଷ ଲୋକ ବିଭିନ୍ନ ପ୍ରକାର ଭତ୍ତା ଉପରେ ନିର୍ଭର କରନ୍ତି । ପ୍ରାୟ ୩କୋଟି ୩୦ଲକ୍ଷ ଲୋକ ମାଗଣା ଚାଉଳକୁ ଆଶ୍ରା କରି ବଞ୍ଚନ୍ତି । ରାଜ୍ୟରେ ବେକାରୀ, ବେରୋଜଗାରୀ, ଦାଦନ ସମସ୍ୟା, ଅପପୁଷ୍ଟି, ରକ୍ତହୀନତା ଆଦି ଦେହସୁହା ହୋଇଗଲାଣି । ସରକାରୀ ତଥ୍ୟ ମୁତାବକ ଓଡ଼ିଶାବାସୀଙ୍କର ହାରାହାରି ମୁଣ୍ଡପିଛା ଆୟ ବାର୍ଷିକ ୧.୮୩ଲକ୍ଷ ଟଙ୍କା ଥିବାବେଳେ ସେମାନଙ୍କ ନିର୍ବାଚିତ ବିଧାୟକମାନଙ୍କ ବେତନ ଓ ଭତ୍ତାର ପରିମାଣ ତାହାର ୨୭ଗୁଣରୁ ଅଧିକ ହେବାକୁ ଯାଉଛି। କେରଳ ଭଳି ରାଜ୍ୟରେ ଜଣେ ବିଧାୟକ ମାସକୁ ୭୦ ହଜାର ଟଙ୍କା, ତ୍ରିପୁରାରେ ୫୦ ହଜାର ଟଙ୍କା, ଗୁଜରାଟରେ ୧ଲକ୍ଷ ୧୦ ହଜାର ଏବଂ ଦିଲ୍ଲୀ, ତାମିଲନାଡୁ, ଆନ୍ଧ୍ରପ୍ରଦେଶ ଆଦିରେ ମାସିକ ୧ଲକ୍ଷ ୨୫ ହଜାର ଟଙ୍କା ପାଉଥିବାବେଳେ ଓଡ଼ିଶାର ବର୍ଦ୍ଧିତ ବ୍ୟବସ୍ଥା ଯଦି କାର୍ଯ୍ୟକାରୀ ହୁଏ ତେବେ ଆମ ରାଜ୍ୟର ଜଣେ ଜଣେ ବିଧାୟକ ମାସକୁ ଅତିକମରେ ୩ଲକ୍ଷ ୪୫ ହଜାର ଟଙ୍କା ପାଇବେ । ଏହାଛଡ଼ା ଆହୁରି ଅନେକ ଭତ୍ତା ଓ ସୁବିଧାସୁଯୋଗ ମଧ୍ୟ ରହିଛି । ଅନ୍ତତଃପକ୍ଷେ ଆର୍ଥିକ ଅଭିବୃଦ୍ଧି, ନିଯୁକ୍ତି, ଆଇନଶୃଙ୍ଖଳା ଆଦି କ୍ଷେତ୍ରରେ ଆମେ ଢେର ପଛରେ ଥିବାବେଳେ ମନ୍ତ୍ରୀ, ବିଧାୟକ ଆଦିଙ୍କ ବେତନ/ଭତ୍ତା କ୍ଷେତ୍ରରେ ଓଡ଼ିଶା ଦେଶର ଶୀର୍ଷ ସ୍ଥାନରେ ରହିବାକୁ ଯାଉଛି ।

୧୯୫୪ ମସିହାରେ ବିଧାୟକମାନଙ୍କ ବେତନ/ଭତ୍ତା ଆଦି ପାଇଁ ଯେଉଁ ଆଇନ ପ୍ରଣୀତ ହୋଇଥିଲା ତାହା ବାରମ୍ବାର ସଂଶୋଧିତ ହୋଇଛି । ୧୯୯୮, ୨୦୦୨, ୨୦୧୧ ଓ ୨୦୧୭ ପରେ ୨୦୨୫ରେ ଆକାଶଛୁଆଁ ସଂଶୋଧନ ବିଧାନସଭାରେ ଗୃହୀତ ହୋଇଛି । ଏଥିରେ ବିଧାୟକଙ୍କର ଦରମା ୩୫ ହଜାରରୁ ୯୦ ହଜାରକୁ ବଢ଼ିଥିବାବେଳେ ନିର୍ବାଚନ ମଣ୍ଡଳୀ ଓ ଦପ୍ତର ଭତ୍ତା ୨୦ ହଜାରରୁ ୭୫ ହଜାର, ଯାତାୟାତ ଭତ୍ତା ୧୫ ହଜାରରୁ ୫୦ ହଜାର, ପତ୍ରିକା ଓ ପୁସ୍ତକ କିଣିବା ଭତ୍ତା ୨ହଜାରରୁ ୧୦ ହଜାର, ଚିକିତ୍ସା ଭତ୍ତା ୫ ହଜାରରୁ ୩୫ ହଜାର, ବିଦ୍ୟୁତ ଭତ୍ତା ୫ ହଜାରରୁ ୨୦ ହଜାର, ଟେଲିଫୋନ ଭତ୍ତା ୮ ହଜାରରୁ ୧୫ ହଜାର ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇଛି । ଫଳରେ ପୂର୍ବରୁ ଯେଉଁ ବିଧାୟକମାନେ ଏ ବାବଦରେ ମାସିକ ପ୍ରାୟ ୧ଲକ୍ଷ ଟଙ୍କା ପାଉଥିଲେ ସେମାନେ ଏବେ ମାସକୁ ୩ଲକ୍ଷ ୪୫ ହଜାର କରି ପାଇବେ । କେବଳ ସେତିକି ନୁହେଁ, ଏହାବାଦ ମଧ୍ୟ ବିଧାୟକମାନଙ୍କ ପାଇଁ ଆଉ କେତେକ ଭତ୍ତା ରହିଛି। ସରକାରୀ ଘରେ ନରହିଲେ ଦିନକୁ ୨ ହଜାର ଟଙ୍କା ହାରରେ ମାସିକ ୬୦ ହଜାର ଟଙ୍କା, ୧୦ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା, ଗାଡ଼ି କିଣିବା ପାଇଁ ୧୦ଲକ୍ଷ ଟଙ୍କା ଅଗ୍ରୀମ ଭଳି କେତେ କ'ଣ ରହିଛି । ବିଧାୟକମାନଙ୍କ ହାତପାଣ୍ଠି ସହିତ ନିଜ ନିର୍ବାଚନ ମଣ୍ଡଳୀରେ ବି ବିଭିନ୍ନ କାର୍ଯ୍ୟକ୍ରମ ଏଥିରେ ଅନ୍ତର୍ଭୁକ୍ତ।

ସେହିଭଳି ପୂର୍ବତନ ବିଧାୟକମାନଙ୍କ ମାସିକ ପେନସନ ୩୦ ହଜାରରୁ ୮୦ ହଜାର ଟଙ୍କାକୁ ବଢ଼ାଇବା ସହିତ ୫ବର୍ଷରୁ ଅଧିକ ସମୟ ଯେଉଁମାନେ ବିଧାୟକ ରହିଛନ୍ତି ସେମାନଙ୍କ ପାଇଁ ବର୍ଷ ପିଛା ପ୍ରତି ମାସରେ ପେନସନ ପରିମାଣ ଆଉ ୩ ହଜାର କରି ଅଧିକ ଦିଆଯିବାର ବ୍ୟବସ୍ଥା ହୋଇଛି । ପୂର୍ବତନ ବିଧାୟକମାନଙ୍କ ପାଇଁ ଆଗରୁ ଦିଆଯାଉଥିବା ମାସିକ ଚିକିତ୍ସା ଭତ୍ତାକୁ ୨ ହଜାରରୁ ୨୫ ହଜାର ଟଙ୍କାକୁ ବଢ଼ାଇବା ସହିତ ପ୍ରତି ମାସରେ ଯାତାୟାତ ଭତ୍ତା ବାବଦରେ ବି ଆଉ ୧୨,୫୦୦ ଟଙ୍କା ମିଳିବ । ଏହାଛଡ଼ା ପୂର୍ବତନ ବିଧାୟକମାନଙ୍କ ଲାଗି ମଧ୍ୟ ସରକାର ସ୍ୱାସ୍ଥ୍ୟ ବୀମା ବ୍ୟବସ୍ଥା ରଖିଛନ୍ତି । ଏମିତିକି ପୂର୍ବତନ ବିଧାୟକଙ୍କ ମୃତ୍ୟୁ ପରେ ପାରିବାରିକ ପେନସନ ମଧ୍ୟ ଖଞ୍ଜା ଯାଇଛି ।

ବର୍ଦ୍ଧିତ ବ୍ୟବସ୍ଥା କାର୍ଯ୍ୟକାରୀ ହେଲେ ମୁଖ୍ୟମନ୍ତ୍ରୀଙ୍କ ଦରମା ମାସିକ ୪୧ ହଜାରରୁ ଲକ୍ଷେ ଟଙ୍କାକୁ ବଢ଼ିଯିବ। ସେ ପାଉଥିବା ମାସିକ କାର ଭତ୍ତା ବି ୧୭ ହଜାରରୁ ୯୧ ହଜାର ହେବ। ଅତିଥି ଚର୍ଚ୍ଚା ଲାଗି ଚା'ପାନ ଆଦି ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ମିଳୁଥିବା ମାସିକ ୪୦ ହଜାର ଟଙ୍କାର ଭତ୍ତା ବଢ଼ିଯିବ ୧ଲକ୍ଷ ୮୩ ହଜାର ଟଙ୍କାକୁ । ତାଙ୍କର ଅନ୍ୟାନ୍ୟ ଭତ୍ତା, ଗସ୍ତ ଖର୍ଚ୍ଚ ଆଦିକୁ ମିଶାଇଲେ ମୁଖ୍ୟମନ୍ତ୍ରୀ ମାସକୁ ପାଖାପାଖି ୪ଲକ୍ଷ ଟଙ୍କା ପାଇବେ। ଉପମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ବାଚସ୍ପତି, ଉପ ବାଚସ୍ପତି, ମୁଖ୍ୟ ସଚେତକ, ଉପ ମୁଖ୍ୟ ସଚେତକ, ବିରୋଧୀ ଦଳ ନେତା ଆଦିଙ୍କ ବେତନ ଓ ଭତ୍ତା ମଧ୍ୟ ମାସିକ ସାଢ଼େ ୩ଲକ୍ଷ ଟଙ୍କାରୁ ଅଧିକ ହେବାକୁ ଯାଉଛି ।

ସାରା ଦେଶ ପାଇଁ ଗୋଟିଏ ସମ୍ବିଧାନ, ଗୋଟିଏ ପତାକା, ଗୋଟିଏ ଚିହ୍ନ ଓ ଏକ ପ୍ରକାର ଆଇନ ରହିଥାଏ। ଏହି ଆଧାରରେ ବିଭିନ୍ନ ରାଜ୍ୟରୁ ଲୋକସଭା ଓ ରାଜ୍ୟସଭାକୁ ନିର୍ବାଚିତ ସାଂସଦମାନଙ୍କ ବେତନ ଓ ଭତ୍ତା ଏକ ପ୍ରକାର ରହୁଥିବାବେଳେ ଭିନ୍ନଭିନ୍ନ ରାଜ୍ୟରେ ବିଧାୟକମାନଙ୍କ ଦରମା ଓ ଭତ୍ତାରେ ବ୍ୟାପକ ତାରତମ୍ୟ ରହୁଥିବାରୁ ଏହା ବଢ଼ାଇବା ପାଇଁ ଏକ ଅଘୋଷିତ ପ୍ରତିଯୋଗିତା ଚାଲିଛି । ସାରା ଦେଶ ଲାଗି ବିଧାୟକ ଓ ମନ୍ତ୍ରୀମାନଙ୍କର ଗୋଟିଏ ପ୍ରକାର ବେତନ ଓ ଭତ୍ତା ନିର୍ଦ୍ଧାରଣ କରିବା ପାଇଁ ଏବେ ବିଭିନ୍ନ ମହଲରୁ ମତ ପ୍ରକାଶ ପାଉଛି ।

ବେତନ ଓ ଭତ୍ତା ବୃଦ୍ଧି ଲାଗି ଗତ ସରକାର ସମୟରେ ସେତେବେଳର ବିଧାୟକ ଅମର ଶତପଥିଙ୍କ ଅଧ୍ୟକ୍ଷତାରେ ଯେଉଁ କମିଟି ଗଢ଼ାଯାଇଥିଲା ସେଥିରେ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ସଦସ୍ୟ ଥିଲେ । ତେବେ ଏହି କମିଟିର ସୁପାରିସ ଲାଗୁ କରିବା ପରିବର୍ତ୍ତେ ନୂଆ ବିଧାନସଭାରେ ଅନ୍ୟତମ ବିଧାୟକ ଭାସ୍କର ଚନ୍ଦ୍ର ମଢ଼େଇଙ୍କ ଅଧ୍ୟକ୍ଷତାରେ ଆଉ ଏକ କମିଟି ବସାଗଲା। ଦ୍ୱିତୀୟ କମିଟି ପ୍ରଥମ କମିଟି ଅପେକ୍ଷା ଅଧିକ ସୁପାରିସ କଲେ ଏବଂ ସରକାର ପୂରା ହାତ ଖୋଲିଦେଇ ସୁପାରିସ ଅପେକ୍ଷା ଢେର ଅଧିକ ବଢ଼ାଇବା ପାଇଁ ବିଧାନସଭାରେ ପ୍ରସ୍ତାବ ଆଣିଲେ ଏବଂ ଏକ ପ୍ରକାର ସହମତି ଭିତ୍ତିରେ ତାହା ମଧ୍ୟ ତୁରନ୍ତ ଗୃହୀତ ହୋଇଗଲା । ଏବେ ଏ ସଂକ୍ରାନ୍ତରେ ନିଷ୍ପତ୍ତି ନେବାର ଚାବିକାଠି ରହିଛି ରାଜ୍ୟପାଳଙ୍କ ହାତରେ। ସାମ୍ବିଧାନିକ ବିଧିବ୍ୟବସ୍ଥା ଅନୁଯାୟୀ ସେ ଏ ସଂକ୍ରାନ୍ତୀୟ ଗୃହୀତ ବିଲଗୁଡ଼ିକୁ ମଞ୍ଜୁରୀ ଦେବେ କି ଫେରାଇ ଦେବେ ତାହା ତାଙ୍କ ଉପରେ ନିର୍ଭର କରେ।

ଇତିମଧ୍ୟରେ ସରକାରୀ କର୍ମଚାରୀଙ୍କ ବେତନ ଓ ଭତ୍ତା ବୃଦ୍ଧି ପ୍ରସଙ୍ଗରେ ତର୍ଜମା କରିବା ପାଇଁ କେନ୍ଦ୍ର ସରକାର ଅଷ୍ଟମ ବେତନ କମିଶନ ବସାଇଛନ୍ତି । ଏହି କମିଶନଙ୍କ ସୁପାରିସ ଆଧାରରେ କେନ୍ଦ୍ର ସରକାର ତାଙ୍କ କର୍ମଚାରୀମାନଙ୍କ ବେତନ, ଭତ୍ତା ଆଦି ବଢ଼ାଇବା ପାଇଁ ନିଷ୍ପତ୍ତି ନେବା ପରେ ରାଜ୍ୟ ସରକାର ମଧ୍ୟ କମିଟି ଗଠନ କରି ଓଡ଼ିଶା ରିଭାଇଜଡ ସ୍କେଲ ଅଫ ପେ ରୁଲରେ ସଂଶୋଧନ ଆଣି କର୍ମଚାରୀଙ୍କ ବେତନ, ଭତ୍ତା, ପେନସନ ଆଦି ବଢ଼ାଇବେ। ସରକାରୀ କର୍ମଚାରୀ ହୁଅନ୍ତୁ କି ନିର୍ବାଚିତ ଲୋକ ପ୍ରତିନିଧି ଯେଉଁମାନେ ରାଜ୍ୟକୋଷରୁ ବେତନ ଓ ଭତ୍ତା ପାଉଛନ୍ତି ସେମାନେ ସମସ୍ତେ 'ପବ୍ଲିକ ସର୍ଭାଣ୍ଟ' ପର୍ଯ୍ୟାୟଭୁକ୍ତ। ଦରଦାମ ବୃଦ୍ଧି, ମୁଦ୍ରାସ୍ଫୀତି ଆଦିକୁ ଆଖି ଆଗରେ ରଖି ବେତନ କମିଶନ ବୃଦ୍ଧି ସୁପାରିସ କରିଥାନ୍ତି। ସରକାରୀ କର୍ମଚାରୀମାନଙ୍କ ବେତନ, ଭତ୍ତା ଓ ପେନସନ ଯେଉଁ ହାରରେ ବଢ଼ିବ ମନ୍ତ୍ରୀ, ବିଧାୟକ ଆଦିଙ୍କ ବେତନ/ଭତ୍ତା ଆଦିର ଅଭିବୃଦ୍ଧି ମଧ୍ୟ ସେହି ହାରରେ ହେବା ଆବଶ୍ୟକ ବୋଲି ସାଧାରଣ ଲୋକେ ହାଟବଜାରରେ ଚର୍ଚ୍ଚା କରୁଛନ୍ତି । ଏହି ପ୍ରତିକ୍ରିୟା ଜୋର ଧରିବାରେ ବିରୋଧୀ ଦଳ ନେତାଙ୍କଠାରୁ ଆରମ୍ଭ କରି ବିଭିନ୍ନ ଦଳର କିଛି ବିଧାୟକ ବର୍ଦ୍ଧିତ ବେତନ ନେବେ ନାହିଁ ବୋଲି କହିଲେଣି । ଏ ସଂକ୍ରାନ୍ତୀୟ ବିଲ ବିଧାନସଭାରେ ସରକାର ଉପସ୍ଥାପନ କରିବା ଓ ଏହା ପାରିତ ହେବା ବେଳେ ସରକାରୀ ଦଳରୁ କେହି ବିରୋଧ କରିନଥିଲେ। କିନ୍ତୁ ପରେ ଲୋକଙ୍କ ପ୍ରତିକ୍ରିୟା ଦେଖି ସରକାରୀ ଦଳର ବିଧାୟକମାନେ ଏକ ବୈଠକରେ ବେତନ ହ୍ରାସ ପାଇଁ ଦାବି ଉଠାଇ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ବିରୋଧୀ ଦଳମାନେ ବି ବିବୃତିବାଜି ପାଇଁ ଏ ପ୍ରସଙ୍ଗରେ ସୁଯୋଗ ହାତଛଡ଼ା କରୁନାହାନ୍ତି। ତେବେ ବିଧାୟକଙ୍କଠାରୁ ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ କାହାର ବେତନ/ଭତ୍ତା କେତେ ପରିମାଣରେ ହେବା ଆବଶ୍ୟକ ସେ ସଂକ୍ରାନ୍ତରେ କିନ୍ତୁ କେହି ସ୍ପଷ୍ଟ ଭାବେ କିଛି ତଥ୍ୟ ଦେଉନାହାନ୍ତି। ଅନପଟେ ବ୍ୟୟବହୁଳ ନିର୍ବାଚନ ପଦ୍ଧତି, ନେତା ଓ ଅଧିକାରୀମାନଙ୍କ ବିଳାସପୂର୍ଣ୍ଣ ଜୀବନଯାପନ, ଆର୍ଥିକ ଅସମାନତା, ବେକାରୀ ଓ ଦରଦାମ ବୃଦ୍ଧି, ଦାରିଦ୍ର୍ୟ, ହିଂସା, ନିଶା, ଅପରାଧ ଏବଂ ସର୍ବୋପରି ଗଣଦୁର୍ନୀତି ଆମ ବ୍ୟବସ୍ଥାକୁ ପଙ୍ଗୁ କରିଦେଉଥିବାବେଳେ ଏହାକୁ କିଭଳି ସମୃଦ୍ଧ ଓ ସୁରକ୍ଷିତ କରି ରାଜ୍ୟ ତଥା ଦେଶର ସାମଗ୍ରିକ ବିକାଶ ହେବ ଏବଂ ସାଧାରଣ ଲୋକଟିଏ ସ୍ୱାଭିମାନର ସହ ସସମ୍ମାନେ ବଞ୍ଚିପାରିବ ସେ ଦିଗରେ ଦଳମତ ନିର୍ବିଶେଷରେ ଚାପ ସୃଷ୍ଟି କରିବା ହେଉଛି ବର୍ତ୍ତମାନ ସମୟର ସବୁଠାରୁ ବଡ଼ ଆହ୍ୱାନ ।

ମୋ. ୯୪୩୭୦୧୭୩୯୫

## 'ଗ୍ୟାରେଣ୍ଟି' ଦେବା ପିଲା ଖେଳ ନୁହେଁ

■ ଯୁଧିଷ୍ଠିର ମହାରଣା ■

ନିର୍ବାଚନ ପରିବେଶ ଯେତେବେଳେ ସରଗରମ ହୁଏ ସେ ସମୟରେ 'ଗ୍ୟାରେଣ୍ଟି' ଶବ୍ଦ ଭାରି ଜନପ୍ରିୟ ହୋଇଯାଏ। ଜନତାଙ୍କୁ ଶତପ୍ରତିଶତ ଭରସା ଓ ଆଶ୍ୱାସନା ଦେବାକୁ ଯାଇ ନେତାମାନେ ଭାଷଣ ଓ ପ୍ରଚାର ପତ୍ରରେ ଏହି ଶବ୍ଦକୁ ବ୍ୟବହାର କରିବାକୁ ଭୁଲୁନାହାନ୍ତି । ବ୍ୟାଙ୍କିଙ୍ଗ ଏବଂ ଆର୍ଥିକ କାରବାର କ୍ଷେତ୍ରରେ ଏହି ଶବ୍ଦଟିକୁ କିନ୍ତୁ ବେଶ ତାତ୍ପର୍ଯ୍ୟପୂର୍ଣ୍ଣ । କେହି ରଣଗ୍ରହୀତାଙ୍କ ପାଇଁ ଆପଣ ଯଦି ଗ୍ୟାରେଣ୍ଟି ଦିଅନ୍ତି, ତେବେ ରଣ ପରିଶୋଧ ପାଇଁ ଆପଣଙ୍କର ଦାୟିତ୍ୱ ଆଇନ ଦୃଷ୍ଟିରୁ ଅଲଂଘ୍ୟ। ଏହାକୁ ଏଡ଼ାଇବା ଅସମ୍ଭବ ।

ସାଧାରଣ ଭାଷାରେ ଗ୍ୟାରେର କହିଲେ ଆମେ ଏମିତି ଜଣଙ୍କୁ ବୁଝୁ ଯିଏ ରଣଗ୍ରହୀତା ପରିଶୋଧ ନ କଲେ ରଣ ପରିଶୋଧ କରିଥାଏ। ଆଇନ ଦୃଷ୍ଟିରେ ମଧ୍ୟ ଗ୍ୟାରେଣ୍ଟରଙ୍କ ପରିଶୋଧ ଦାୟିତ୍ୱ ରଣଗ୍ରହୀତାଙ୍କ ସହ ସମାନ୍ତର ଭାବେ ଗତିଶୀଳ। ଯଦିଓ ବ୍ୟାଙ୍କ ପ୍ରଥମେ ରଣଗ୍ରହୀତାଙ୍କ ଠାରୁ ହିଁ ରଣ ଆଦାୟ କରିବେ, ତେବେ ସେ ଚାହିଁଲେ ଏକକାଳୀନ ରଣଗ୍ରହୀତା ଓ ଗ୍ୟାରେଣ୍ଟରଙ୍କ ବିରୁଦ୍ଧରେ ମୋକଦ୍ଦମା ଚଳାଇ ପାରିବେ। ଏଣୁ କୌଣସି ରଣ ପାଇଁ ଗ୍ୟାରେଣ୍ଟି ଦେବାକୁ ଯାଉଥିଲେ ନିମ୍ନଲିଖିତ କଥା ଗୁଡ଼ିକ ଉପରେ ଧ୍ୟାନ ଦେବା ଅତ୍ୟନ୍ତ ଜରୁରୀ ।

ଗ୍ୟାରେଣ୍ଟି ରଣଗ୍ରହୀତାଙ୍କୁ ତଥା ତାଙ୍କର ପରିଶୋଧ କରିବା ସାମର୍ଥ୍ୟ ଓ ମନୋବୃତ୍ତିକୁ ଭଲ ଭାବରେ ଜାଣିଥିବା ଉଚିତ। ତେଣୁ ନିଜ ପରିବାରର ସଦସ୍ୟ କିମ୍ବା ଘନିଷ୍ଠ ବନ୍ଧୁ/ସମ୍ପର୍କୀୟଙ୍କ ଛଡ଼ା ଅନ୍ୟ କାହାର ରଣ ପାଇଁ ଗ୍ୟାରେଣ୍ଟି ଦେବାକୁ ଯାଉଥିଲେ ସତର୍କ ରହିବା ଆବଶ୍ୟକ ।

ରଣଗ୍ରହୀତା ରଣ ପରିଶୋଧ ନ କଲେ ପରିଶୋଧ ଦାୟିତ୍ୱ ଗ୍ୟାରେଣ୍ଟରଙ୍କ ଉପରେ ଆସେ । ଏଣୁ ରଣର ପରିମାଣ ଓ ନିଜ ପରିଶୋଧ ଶକ୍ତି ଦେଖି ଗ୍ୟାରେଣ୍ଟି ଦେବା ଉଚିତ। ଗ୍ୟାରେଣ୍ଟି ଚୁକ୍ତିନାମାରେ ଦସ୍ତଖତ କରିବା ପୂର୍ବରୁ ତାହାକୁ ଭଲ ଭାବରେ ପଢ଼ି ରଣର ସମସ୍ତ ସର୍ତ୍ତ ଓ ଗ୍ୟାରେଣ୍ଟରଙ୍କ ଦାୟିତ୍ୱଗୁଡ଼ିକ ବୁଝିନେବା ଉଚିତ। କେବଳ ଗ୍ୟାରେଣ୍ଟି ଦେଇ ଦେଲେ ଗ୍ୟାରେଣ୍ଟିଦାତାଙ୍କ କ୍ରେଡିଟ ସ୍କୋର ଉପରେ ପ୍ରଭାବ ପଡ଼େନାହିଁ। ମାତ୍ର ରଣ କିସ୍ତି ଫେଲ ଖିଲା ହେଲେ ଗ୍ୟାରେଣ୍ଟରଙ୍କ କ୍ରେଡିଟ ସ୍କୋର ଉପରେ ଖରାପ ପ୍ରଭାବ ପଡ଼େ ଏବଂ ସେ ନିଜେ ନୂଆ ରଣ ଉଠାଇବା ବେଳେ ଅସୁବିଧାର ସମ୍ମୁଖୀନ ହୁଅନ୍ତି ।

ଗ୍ୟାରେଣ୍ଟରଙ୍କ ଦାୟିତ୍ୱ ସହ କିଛି ଆଇନଗତ ଅଧିକାର ମଧ୍ୟ ରହିଛି । ଯେମିତିକି ରଣ ଓ ରଣ ପରିଶୋଧ ସ୍ଥିତି ସମ୍ପର୍କରେ ସମ୍ପୂର୍ଣ୍ଣ ଜାଣିବାର ଅଧିକାର, ରଣର ସର୍ତ୍ତ ଆଦିରେ ପରିବର୍ତ୍ତନ ପାଇଁ ବ୍ୟାଙ୍କ ସହ ଆଲୋଚନା ଓ ବୁଝାମଣାର ଅଧିକାର ଇତ୍ୟାଦି । ସରକାରଙ୍କ ଏହି ନିର୍ବାଚନୀ ଗ୍ୟାରେଣ୍ଟି ଦେଶର ରାଜକୋଷ ଉପରେ ଗଭୀର ପ୍ରଭାବ ପକାଇଥାଏ। ଏହା ଅର୍ଥନୀତି ପାଇଁ ମଧ୍ୟ ଶୁଭଙ୍କର ନୁହେଁ କିନ୍ତୁ ଭାରତୀୟ ରାଜନୀତିରେ ଏହି ତଥାକଥିତ ଗ୍ୟାରେଣ୍ଟି ଏବେ ବି ଚାଲିଛି ଆଉ ଲୋକମାନେ ନିଜେ ଗ୍ୟାରେଣ୍ଟିର ଉପଭୋକ୍ତା ସତରେ ହୋଇପାରୁଛନ୍ତି କି ନାହିଁ ତାହାସେମାନେ ଭଲ ଭାବେ ନିର୍ବାଚନ ପରବର୍ତ୍ତୀ ସମୟରେ ଜାଣିପାରୁଛନ୍ତି।

ମୋ. ୯୪୩୭୧୬୩୫୨୮,

## ଧର୍ମ ରୂପକ ଅଫିମ ଚଟେଇ ଦେଇ, ଶାସନ କରନ୍ତି ଥେଇକି ଥେଇ



ତୁଷମ୍ ଇବ ମନ୍ଥନମ୍-

ତୁଷାରକାନ୍ତ

ଆମର ନେତାଗଣ ମୁହଁ ଖୋଲିଲେ ହିଁ 'ଭାରତବର୍ଷ ବୁଦ୍ଧ ଓ ଗାନ୍ଧୀଙ୍କ ଦେଶ' କଥାଟି କୁହନ୍ତି, ଯଦିଓ ଏଠାରେ ବୁଦ୍ଧଦେବଙ୍କ ଆଦର୍ଶ ଦ୍ୱାଦଶ ଶତାବ୍ଦୀରେ ଲୋପ ପାଇଥିଲା ତ, ଗାନ୍ଧୀଙ୍କ ଆଦର୍ଶକୁ ଲୋପ କରାଯିବାକୁ ତାଙ୍କର ରାଜନୈତିକ ଜୀବନର ଅଭ୍ୟୁଦୟ ସମୟରୁ ପ୍ରଚେଷ୍ଟା କରାଯାଇ ସମ୍ପୂର୍ଣ୍ଣ ବିସ୍ମୃତ ହେବାର ଶେଷ ଅବସ୍ଥାକୁ ଅଣାଗଲାଣି ।

ବିଗତ କିଛିବର୍ଷ ଧରି ଜାନୁୟାରୀ ମାସ ୩୦ ତାରିଖର ଅପରାହ୍ନ ୫ଘଟିକା ୩୦ ମିନିଟ ୧୭ ସେକେଣ୍ଡ କ୍ଷଣରେ (ଗାନ୍ଧୀଙ୍କ ନିଧନ ସମୟ) ଗାନ୍ଧୀଙ୍କ ଫଟୋକୁ ନକଲି ପିସ୍ତଲରୁ ନକଲି ଗୁଳି ମରାଯାଇ ନକଲି ରକ୍ତ ବୁହାଇ ଦିଆଯିବା ପରେ, ଅସଲି ମିଠେଇ ବଣ୍ଟାଯାଇ 'ଗାନ୍ଧୀ ମୁର୍ଦାବାଦ' ରଡି ପକାଯାଉଛି । ତାଙ୍କ ହତ୍ୟାକାରୀଙ୍କ ମହିମାମଣ୍ଡନ କରାଯିବା ତ ସଚରାଚରର ସଦାବେଳିଆ ଘଟଣା, ଅଘଟଣ ନୁହେଁ ।

ଗାନ୍ଧୀଙ୍କ 'ଗ୍ରାମ-ସ୍ୱରାଜ' ଫର୍ମୁଲାର ସଫଳ ରୂପାୟନକୁ କବର ତଳକୁ ପଠେଇ ଦିଆଯିବା ପରେ, 'ମେଞ୍ଚାଏ ନ ହେଲେ ବି କେଞ୍ଚାଏ' ଭଳି ଓଡ଼ିଆ ଲୋକକଥାଟିର ଆଧାରରେ, ଗ୍ରାମୀଣ ଗରିବଲୋକଙ୍କୁ ନିଶ୍ଚିତଭାବରେ କର୍ମନିଯୁକ୍ତି ମିଳିବାପାଇଁ ତା୨୩.୧୧.୨୦୦୫ ରିଖରେ ଆମ ସଂସଦରେ 'ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି କାନୁନ-National Rural Employment Guarantee ACT-NAREGA' ପାରିତ ହୋଇ, ତା୨.୨.୨୦୦୬ରିଖରୁ ଏହାକୁ କାର୍ଯ୍ୟକାରୀ କରାଯାଉଥିଲା ।

ତା୨.୨.୨୦୦୯ରିଖର ଗାନ୍ଧୀଙ୍କ ଜନ୍ମଜୟନ୍ତୀରେ, 'ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି କାନୁନ'ର ପୂର୍ବରୁ 'ମହାତ୍ମା ଗାନ୍ଧୀ'ଯୋଡାଯାଇ ଏହାକୁ 'ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି କାନୁନ (ମନରେଗା)- Mahatma Gandi National Rural Emploment Auarantee Act -MGNAREGA' ରୂପେ ନାମିତ କରାଯାଇଥିଲା ।

ତା୨୬.୫.୨୦୧୪ରିଖରେ ନରେନ୍ଦ୍ର ମୋଦି ଦେଶର ପ୍ରଧାନମନ୍ତ୍ରୀ ରୂପେ ଶପଥ ନେବାପରେ ତା୨୭.୨.୨୦୧୫ ରିଖରେ ସଂସଦରେ କହିଥିଲେ ଯେ 'ସ୍ୱାଧୀନତା ପାଇବା ପରଠାରୁ ଦେଶକୁ ଗୋଟିଏ ବିଫଳ ରାଷ୍ଟ୍ରକରି ରଖାଯିବାର ଅନ୍ୟତମ ପ୍ରମାଣ ହେଉଛି MGNREGA କାର୍ଯ୍ୟକ୍ରମର ପ୍ରଚଳନ । ଏହି ବିଫଳତାକୁ ମୁଁ (ଶ୍ରୀ ମୋଦିଜୀ) 'ବିଫଳତାର ପ୍ରତୀକ ସ୍ୱରୂପ ବଞ୍ଚେଇ ରଖିବି' ।

'ମୁଁ ଏହାକୁ ହଟେଇ ଦେବି' ଭଳି କଂଗ୍ରେସ ତରଫରୁ ପ୍ରଚାର କରାଯାଇଥିବା ଜାଲରେ ମୋର ଫସିବାର ନାହିଁ । ମୋର ରାଜନୈତିକ ବିଚକ୍ଷଣତା ମୋତେ ସୂଚାଇ ଦେଉଛି ଯେ 'ଯେହେତୁ ଏହା କଂଗ୍ରେସର ବିଫଳତାର ଗୋଟିଏ ସ୍ମାରକୀଚିହ୍ନ, ସ୍ୱାଧୀନତାର ୬୦ ବର୍ଷ ପରେ ବି କଂଗ୍ରେସ ତରଫରୁ ଲୋକଙ୍କୁ ଗାତ ଖୋଳିବା କାମରେ ନିୟୋଜିତ କରାଯାଉଥିଲା' ତେଣୁ ମୁଁ ଏହାକୁ ବାଜା ବଜାଇବା ସହିତ ଉତ୍ସବ ରୂପେ ପାଳନ କରିବି । ମୁଁ ସମଗ୍ର ପୃଥିବୀକୁ ଜଣେଇବି ଯେ, 'କଂଗ୍ରେସ ନିଜର ପାପର ଗାତ ଖୋଳୁଛି ।'

ମୋଦିଜୀଙ୍କର ଏଭଳି ଐତିହାସିକ ବକ୍ତବ୍ୟ ଶୁଣିବାପରେ ଲୋକସଭାର ତତ୍କାଳୀନ ବିରୋଧୀଦଳ ନେତା (ବର୍ତ୍ତମାନର କଂଗ୍ରେସ ସଭାପତି ତଥା ରାଜ୍ୟସଭାର ବିରୋଧୀଦଳ ନେତା) ମଲ୍ଲିକାର୍ଜୁନ ଖଡ଼୍‌ଗେ କହିଥିଲେ 'ଗରିବଙ୍କ ଉତ୍ଥାନପାଇଁ ଏଭଳି କାର୍ଯ୍ୟକ୍ରମ ଗ୍ରହଣ କରାଯାଇଥିବାରୁ, ଶ୍ରୀ ମୋଦି ଏଭଳି ଆକ୍ଷେପ କରୁଛନ୍ତି, ଯଦିଓ ତାଙ୍କର ୨୦ ବର୍ଷର ଶାସନପରେ ବି ଗୁଜରାଟର ଦାରିଦ୍ର୍ୟତା ରହିଛି ।'

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ମୋଦିଜୀଙ୍କ ପ୍ରଧାନମନ୍ତ୍ରୀତ୍ୱ କାଳରେ, ବିଶେଷକରି କରୋନାର ପ୍ରାବଲ୍ୟକାଳରେ ଶହ ଶହ କିଲୋମିଟର ପାଦରେ ଚାଲି ଚାଲି ନିଜ ନିଜର ଗାଁକୁ ଫେରିଥିବା ପ୍ରବାସୀ ଶ୍ରମିକ ଏହିଭଳି 'ଗାତଖୋଳା ଯୋଜନା' ଜରିଆରେ ହିଁ କିଛି କିଛି ରୋଜଗାର କରିଥିଲେ ଓ ଚଳିଯାଇଥିଲେ । ଏଥିରେ ତ ହେଲେ ଝାଳବୁହେଇ ଗାତଖୋଳିଲେ କିଛି ପାରିଶ୍ରମିକ ମିଳେ, କିନ୍ତୁ ପୃଥିବୀପାଇଁ 'ବିନା ଝାଳବୁହାରେ ଶହ ଶହ ମାଗଣା ଅନୁଦାନ'ର ସ୍ମାରକୀଚିହ୍ନ କ'ଣ ରହିବ?

ଏହାଭିତରେ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ସରକାରଙ୍କ ତରଫରୁ 'ମହାତ୍ମାଗାନ୍ଧୀଙ୍କ ନାମଥିବା MGNAREGAକୁ ହଟେଇଦେଇ ଭିବି-ଜୀ ରାମ ଜୀ ବିଲ୍ -୨୦୨୫ (VIKASIT BHARAT -GUARANTEE FOR ROZGAR AND AJIVIKA MISSION (GRAMIN)2025 BILL' ବିଲ ସଂସଦର ଉଭୟ ଗୃହର ସମ୍ମତ୍ତ ହାସଲ କରି, ଅବିଳମ୍ବେ ରାଷ୍ଟ୍ରପତଙ୍କ ସ୍ୱୀକୃତି ହାସଲ କରିଛି, ଯେତେବେଳେ କୌଣସି କୌଣସି ରାଜ୍ୟ ସରକାରଙ୍କର ବିଲଗୁଡ଼ିକ ରାଜ୍ୟପାଳମାନଙ୍କର ସ୍ୱୀକୃତି ପାଇବାପାଇଁ ବର୍ଷ ବର୍ଷ ଧରି ଅପେକ୍ଷା କରୁଛି । ଏହାପୂର୍ବରୁ ଏହାକୁ 'ପୂଜ୍ୟବାପୁ ଗ୍ରାମୀଣ ରୋଜଗାର ଯୋଜନା' ନାମିତ କରାଯିବ ବୋଲି ଘୋଷଣା କରାଯାଇଥିଲେ ମଧ୍ୟ ବିରୋଧୀ ଦଳିଆଙ୍କ ତରଫରୁ 'ପୂଜ୍ୟବାପୁ ଧର୍ଷଣ ଅଭିଯୋଗରେ ଜେଲଦଣ୍ଡ ଭୋଗୁଥିବା ଆଶାରାମ ବାପୁ କି?' ଭଳି ଆକ୍ଷେପ କରାଯିବା ପରେ, ହିନ୍ଦି ଓ ଇଂରାଜୀ ମିଶାଇ ଏମିତି ନାମକରଣ କରାଯାଇଛି ଯେ, ଛୋଟିଆ ନାମରେ (Short name)ରେ 'ଜୀ ରାମ ଜୀ' ଭଳି ଲେଖା ରହିଛି ଯାହା 'ରାଜନୈତିକ ଲାଭପାଇଁ ଠାକୁରଙ୍କ ନାମର ଅପବ୍ୟବହାର ।' କିନ୍ତୁ, ଏହା ଯେହେତୁ ଆମ ଓଡ଼ିଆମାନଙ୍କୁ ଅପଦସ୍ତ କରୁଥିବା 'ଦେଖାଶିଖା ଓଡ଼ିଶା' ଭଳି ଓଡ଼ିଆ ଲୋକକଥାଟିର ଆଧାରରେ, ତେଣୁ ଏଭଳି ନାମକରଣ ଆମପାଇଁ ଗର୍ବ ଓ ଗୌରବର ବିଷୟ ।

ଏହା ବାବଦରେ ପ୍ରମାଣ ତଳେ ସ୍ଥାନିତ ଅଛି- ୨୦୨୪ ମସିହାରେ ମୋଦିଜୀ ତୃତୀୟଥର ପାଇଁ ପ୍ରଧାନମନ୍ତ୍ରୀ ହେବାରେ ଓଡ଼ିଶାରୁ ବିଜେପି ୨୦ ସାଂସଦ ପାଇବା ବିଶେଷ ଅବଦାନ ରଖିଥିଲା । ଏହା ସହିତ ଓଡ଼ିଶାରେ ବି ବିଜେପି ଶାସନ ଆସିଥିଲା । ନିର୍ବାଚନ ଫଳାଫଳ ଘୋଷଣା ପରେ, ତା୪.୬.୨୦୨୪ରିଖରେ ମୋଦିଜୀଙ୍କୁ ଦିଲ୍ଲୀର ବିଜେପି କାର୍ଯ୍ୟାଳୟରେ ଦିଆଯାଇଥିବା ସମ୍ବର୍ଦ୍ଧନା ଉତ୍ସବରେ ସେ ଚିରାଚରିତ ଢଙ୍ଗରେ 'ଜୟ ଶ୍ରୀରାମ' ବଦଳରେ 'ଜୟ ଜଗନ୍ନାଥ' କହିଥିଲେ ।

ସେହିଦିନରୁ, ଯଶସ୍ୱୀ ମୋଦିଜୀଙ୍କର ଓଡ଼ିଶାକୁ ଭଲପାଇବା ଏତେମାତ୍ରାରେ ବଢ଼ିଯାଇଛି ଯେ,ସେ, ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର କର୍ତ୍ତୃକ 'ରାଜନୈତିକ ଲାଭପାଇଁ ଭଗବାନଙ୍କ ନାମର ଅପବ୍ୟବହାର'କୁ ଏହି 'ଭିବି-ଜୀ ରାମ ଜୀ ବିଲ୍-୨୦୨୫' (VIKASIT BHARAT -GUARANTEE FOR ROZGAR AND AJIVIKA MISSION (GRAMIN)2025 BILL) ନାମିତ କରିବାରେ ଆପଣେଇଛନ୍ତି । ନବୀନ ପଟ୍ଟନାୟକଙ୍କ ସମୟରେ ଭଗବାନଙ୍କ ନାମକୁ ରାଜନୈତିକ ଲାଭ ପାଇଁ ଅପବ୍ୟବହାର କରାଯାଇଥିବାର ପ୍ରମାଣ ତଳେ ସ୍ଥାନିତ ଅଛି ।

'ଆମ ନବୀନଜୀଙ୍କର ଠାକୁରଙ୍କ ନାମରେ ଯୋଜନାର ନାମକରଣର ଭିତିରି କଥା- ଧର୍ମ ଓ ଭଗବାନଙ୍କ ନାମରେ ରାଜନୀତି' ।

(କ) କାଳିଆ ଯୋଜନା (ଜଗନ୍ନାଥଙ୍କ ନାମରେ): ଏହାର ପ୍ରକୃତ ନାମ ହେଉଛି "KRUSHAK ASSISTANCE FOR LIVELIHOOD AND INCOME AUGMENTATION' । ଏହାର ପ୍ରତ୍ୟେକ ଶବ୍ଦର ପ୍ରଥମ ଅକ୍ଷରଟିକୁ ମିଶେଇଲେ ଓଡିଆରେ 'କାଳିଆ' ହେଉଛି । କିନ୍ତୁ, ଅନ୍ୟ ଶବ୍ଦଗୁଡିକ ଅଂଗ୍ରେଜୀରେ ଓ ପ୍ରଥମ ଶବ୍ଦଟି ଓଡିଆରେ 'କୃଷକ', ଯାହା 'କାଳିଆ' ହେବାରେ ସାହାଯ୍ୟ କରିଛି । FARMER ବା Agriculturist ଲେଖିଥିଲେ 'ଫାଳିଆ ବା ଅଳିଆ ହୋଇଥାନ୍ତା । ତେଣୁ ସବୁ ଅଂଗ୍ରେଜୀ ଶବ୍ଦ ଭିତରେ ଗୋଟିଏ ଓଡ଼ିଆ ଶବ୍ଦ ପୁରା ଯାଇଛି । ଏହା ଆମ 'ସରକାର ଏତେ କାଳିଆ ଭକ୍ତ' ଜରିଆରେ ରାଜନୀତିରେ ଧର୍ମର ଅପବ୍ୟବହାର । (ଖ) ପିଠା ଯୋଜନା (ଭଗବାନ ବିଭିନ୍ନ ପ୍ରକାର ପିଠା ଖାଆନ୍ତି) -ଏହାର ପ୍ରକୃତ ନାମ ହେଉଛି ଅଂଗ୍ରେଜୀ ଭାଷାର 'PEOPLE'S Empowerment Enabling Transparency and Accountability' ଶବ୍ଦ ସମୂହ । କିନ୍ତୁ,ସବୁ ଅଂଗ୍ରେଜୀ ଶବ୍ଦର ମୂଳ ଅକ୍ଷର ମିଶିଲେ ଓଡିଆରେ 'ପିଠା' ଓ ବଡ ଠାକୁର ବହୁ ରକମର ପିଠାରେ ପୂଜା ପାଉଥିବାରୁ, ଧର୍ମର ରାଜନୀତିକରଣ । (ଗ) ବସୁଧା ଯୋଜନା (ମାଟି ମା):- 'Buxi Jagabandhu Assured Water Supply and Habitations' । ସବୁ ଅଂଗ୍ରେଜୀ ଶବ୍ଦ ଓ ମୂଳ ଅକ୍ଷର ମିଶିଲେ ଓଡିଆରେ 'ବସୁଧା' ଓ ଆମ ସରକାର 'ମାଟିମା'ର ବି ପୂଜକ ଭଳି ବାର୍ତ୍ତା ପ୍ରଦାନ । (ଘ) ଉନ୍ନତି ଯୋଜନା : 'Urban Transformation Initiative ' । ସବୁ ଅଂଗ୍ରେଜୀ ଶବ୍ଦର ମୂଳ ଅକ୍ଷର ମିଶିଲେ 'ଉନ୍ନତି ବା ଅଛେଦିନ 'ଅର୍ଥାତ ଆମ ସରକାର ଆମ ଉନ୍ନତି ପାଇଁ ଲାଗିଛନ୍ତି ଭଳି ବାର୍ତ୍ତା ପ୍ରେରଣ । (ଙ) ଅବଢା ଯୋଜନା (ଓଡିଆମାନଙ୍କର ଅସମ୍ଭବ ଦୁର୍ବଳତା) - 'Augmentation of Basic Amenities and Development of Heritage and Architecture' । ସବୁ ଅଂଗ୍ରେଜୀ ଶବ୍ଦର ମୂଳ ଅକ୍ଷର ମିଶିଲେ ଓଡ଼ିଆରେ 'ଅବଢା ବା ମହାପ୍ରସାଦ' । ଓଡିଆମାନଙ୍କର ମାନସିକତା ଜିଣିବାକୁ ଏହା ଠାରୁ ଆଉ ଭଲ ରାଜନୀତି ନାହିଁ । (ଚ) କେବଳ ସାନଭାଇ କାଳିଆଙ୍କ ନାମରେ ଯୋଜନା ରହିଲେ କାଳେ ବଡଭାଇ ବଳିଆ/ବଳରାମ ରାଗିଯାଇ ଭୋଟ ଗୋଟାଇବାରେ ଅସୁବିଧା କରିବେ, ତେଣୁ ତାଙ୍କ ନାମରେ ବି 'ଓଡିଶା ବଳରାମ/ବଳିଆ' ଯୋଜନାଟିଏ କରାଯାଇଛି, ଯାହା ଜରିଆରେ ଭୂମିହୀନଙ୍କୁ ରଣ ଦିଆଯିବ । ଅବଶ୍ୟ 'କାଳିଆ' ନାମକରଣରେ ଥିବା ପେଞ୍ଚଟି ଏଠି ବୋଧେ ନାହିଁ ଓ ସିଧା ଭାବରେ ନାମକରଣ କରାଯାଇଛି । ଏବଂ, ଶେଷରେ ମୋର ଜିଜ୍ଞାସା- (୧)ଯେଉଁ ଅତି ଉନ୍ନତ ମୁଣ୍ଡଗୁଡିକରୁ ଏପରି ଭଗବାନଙ୍କ ନାମ ଉପରେ ଆଧାରିତ ବିଭିନ୍ନ ଭାଷାର ମିଶ୍ରଣରେ ନାମକରଣ ବାହାରି ପାରୁଛି, ସେହି ମୁଣ୍ଡମାନେ ଲୋକଙ୍କ ସମସ୍ୟାର ସମାଧାନ ପାଇଁ ନିଜ ନିଜର ମୁଣ୍ଡମାନଙ୍କୁ ବିନିଯୋଗ କରୁଥିଲ, ଆଜି ସଂଖ୍ୟାଧିକ ଲୋକ ମାଗଣାଦାନା ବଣ୍ଟନକ୍ଷେତ୍ର ଆଗରେ 'ଭବନ୍, ଭବତି ଭିକ୍ଷାମ୍ ଦେହି' କହି ହାତ ପତାଉଥାଆନ୍ତେ କି? (୨)ଖାସ ଏଇଥି ପାଇଁ କାର୍ଲମାର୍କ୍ସ 'ଧର୍ମ ରପକ ଅଫିମ ଚଟେଇ ଦେଇ, ଶାସନ କରନ୍ତି ଥେଇକି ଥେଇ' ଭଳି କଥାଟି କହିଥିଲେ କି?

ମୋ. ୮୮୯୫୮୫୭୩୧୮

# ଓଡ଼ିଶା ଏକ୍ସପ୍ରେସ୍

**ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ**






ସାରା ବିଶ୍ୱ ଏବେ ଉତ୍ସବ ମୁଖର । ପ୍ରଭୁ ଯିଶୁଙ୍କ ଜନ୍ମକୁ ସମୁଦାୟ ଖ୍ରୀଷ୍ଟ ଜଗତ ଅପେକ୍ଷା କରି ରହିଛନ୍ତି । ଯିଶୁଙ୍କ ଜନ୍ମ ଦିବସ ବା ବଡ଼ ଦିନ ସେମାନଙ୍କ ପାଇଁ ସବୁଠାରୁ ବଡ଼ ଖୁସିର ଦିନ । ଖ୍ରୀଷ୍ଟ ଜଗତ ବିଶ୍ୱାସ କରେ ଯେ ମାନବ ଜଗତର ପରିତ୍ରାଣ ପାଇଁ ତ୍ରାଣକର୍ତ୍ତା ଯିଶୁ ପୁଣି ଆସିବେ । ଯିଶୁ ଆସିବେ ବୋଲି ମାସେ ଆଗରୁ ସେମାନେ ପ୍ରସ୍ତୁତି ଆରମ୍ଭ କରନ୍ତି ଆଡ୍‌ଭେଣ୍ଟ ଭାବରେ । ଯିଶୁ ଯେ ଜଗତର ତ୍ରାଣକର୍ତ୍ତା ଏ ନେଇ କୌଣସି ସନ୍ଦେହ ନାହିଁ ଖ୍ରୀଷ୍ଟ ଧର୍ମାବଲମ୍ବୀମାନଙ୍କ ମଧ୍ୟରେ । ତେବେ ଏମିତି କେତେକ ବିଷୟ ଅଛି ଯାହାକୁ ନେଇ ଏବେ ବି ସନ୍ଦେହ ଅଛି ଏବଂ ଦ୍ୱିମତ ଅଛି । ସେମିତି କିଛି ପ୍ରସଙ୍ଗ ସମ୍ପର୍କରେ...

# ଯିଶୁ ମନସ୍କ ସାରା ଦୁନିଆ

**୧. ୧୩ରୁ ୨୯ବର୍ଷ ବୟସ ମଧ୍ୟରେ କେଉଁଠି ଥିଲେ ଯିଶୁଖ୍ରୀଷ୍ଟ**

ଜଣେ ଇହୁଦି ବଢ଼େଇଙ୍କ ପତ୍ନୀ ମରିୟମ ବା ମେରୀଙ୍କ ଗର୍ଭରୁ ଯିଶୁ ବେଥେଲହାମ୍‌ରେ ଜନ୍ମ ହୋଇଥିଲେ । ଯେତେବେଳେ ସେ ୧୨ବର୍ଷର ହେଲେ ସେତେବେଳେ ସେ ଦୁଇଦିନ ଜେରୁଜେଲମରେ ରହି ପଣ୍ଡିତମାନଙ୍କ ସହ ଜ୍ଞାନ ଚର୍ଚ୍ଚା କରିଥିଲେ । ୧୩ବର୍ଷ ବୟସରେ ସେ କୁଆଡ଼େ ଚାଲିଗଲେ ତାହା କେହି ବି ଜାଣନ୍ତିନାହିଁ । ୧୩ବର୍ଷରୁ ୩୦ବର୍ଷ ମଧ୍ୟରେ ସେ କେଉଁଠି ଥିଲେ, କ'ଣ କରୁଥିଲେ ତାହାର କୌଣସି ସୂଚନା ନାହିଁ । ଏହା ଆଜି ପର୍ଯ୍ୟନ୍ତ ରହସ୍ୟ ହୋଇରହିଛି । ବାଇବେଲରେ ମଧ୍ୟ ଏହି ବର୍ଷଗୁଡ଼ିକ ସମ୍ପର୍କରେ କୌଣସି ଉଲ୍ଲେଖ ମିଳେନାହିଁ । ୩୦ବର୍ଷ ବୟସରେ ସେ ଜେରୁଜେଲମରେ ୟୁହନ୍ନା (ଜନ୍)ଙ୍କଠାରୁ ଦୀକ୍ଷା ଗ୍ରହଣ କଲେ । ଦୀକ୍ଷା ଗ୍ରହଣ ପରେ ସେ ଲୋକମାନଙ୍କୁ ଶିକ୍ଷାଦାନ କଲେ । ଅଧିକାଂଶ ବିଦ୍ୱାନଙ୍କ ମତ ଖ୍ରୀଷ୍ଟାବ୍ଦ ୨୯ରେ ପ୍ରଭୁ ଯିଶୁ ଗଧ ଉପରେ ଚଢ଼ି ଜେରୁଜେଲମ ପହଞ୍ଚି ଥିଲେ ଏବଂ ସେଠାରେ ତାଙ୍କୁ ଦଣ୍ଡିତ କରିବାର ଷଡ଼ଯନ୍ତ୍ର କରାଯାଇଥିଲା । ଶେଷରେ ସେହି ବିରୋଧୀମାନେ ତାଙ୍କୁ ଧରି କ୍ରୁଶରେ ଚଢ଼ାଇ ଦେଇଥିଲେ । ସେହି ସମୟରେ ତାଙ୍କ ବୟସ ଥିଲା ପ୍ରାୟ ୩୩ବର୍ଷ । ସେହି ବର୍ଷ ରବିବାର ଯିଶୁ ଜେରୁଜେଲମରେ ପ୍ରବେଶ କଲେ । ସେହି ଦିନକୁ ପାମ୍ ସନ୍‌ଡେ କୁହାଯାଏ । ଶୁକ୍ରବାରକୁ ତାଙ୍କୁ କ୍ରୁଶବିଦ୍ଧ କରାଯାଇଥିଲା । ଶୁକ୍ରବାର ଦିନ ତାଙ୍କୁ କ୍ରୁଶବିଦ୍ଧ କରାଯାଇଥିଲା । ଏହି ଦିନକୁ ଗୁଡ୍ ଫ୍ରାଇଡେ କୁହାଯାଏ ।



ଏହାର ଗୋଟିଏ ଦିନ ପରେ ରବିବାର ଜଣେ ମହିଳା ମେରୀ ମେଗଡୋଲେନ ତାଙ୍କୁ କବର ପାଖରେ ଜୀବିତ ଦେଖିଥିଲେ । ଜୀବିତ ଦେଖାଯିବାର ଏହି ଦିନକୁ ଇଷ୍ଟର ଭାବରେ ପାଳନ କରାଯାଏ । ଏହାପରେ ଯିଶୁ କେବେ ବି ଏହି ଇହୁଦି ରାଜ୍ୟରେ ଦେଖାଯାଇନଥିଲେ ।

**୨. ୨୫ ଡିସେମ୍ବର ଯିଶୁଙ୍କ ଜନ୍ମଦିବସ**

ଯିଶୁଙ୍କ ଜନ୍ମ କେବେ ହୋଇଥିଲା, ଏହାକୁ ନେଇ ଏକମତ ନାହିଁ । କେତେକ ଧର୍ମ ବିଦ୍ୱାନଙ୍କ ମତ ତାଙ୍କ ଜନ୍ମ ବସନ୍ତ ଋତୁରେ ହୋଇଥିଲା । କାରଣ ଯେତେବେଳେ ଯିଶୁଙ୍କର ଜନ୍ମ ହୋଇଥିଲା, ସେ ସମୟରେ ପଶୁପାଳକମାନେ ପଡ଼ିଆରେ ନିଜ ନିଜ ପୋଷାଜୀବମାନଙ୍କୁ ଜଗିଥିଲେ । ଯଦି ତାହା ଡିସେମ୍ବର ମାସ ହୋଇଥାନ୍ତା ତେବେ ବେଥେଲହାମର ପରିସ୍ଥିତି ଅନୁଯାୟୀ ସେମାନେ ଘର ଭିତରେ ହିଁ ଥାଆନ୍ତେ । ସେହିପରି ମେଷପାଳକମାନଙ୍କର କାର୍ଯ୍ୟକଳାପର ବର୍ଣ୍ଣନା ଅନୁଯାୟୀ ଶୀତ ପରବର୍ତ୍ତୀ ସମୟ ମଧ୍ୟ ନୁହେଁ । କିନ୍ତୁ ବାଇବେଲରେ ଯିଶୁଙ୍କ ଜନ୍ମର ନିର୍ଦ୍ଦିଷ୍ଟ ତାରିଖ ଉଲ୍ଲେଖ ନାହିଁ । ଇତିହାସକାରକମାନଙ୍କ ଅନୁଯାୟୀ ରୋମାନ କାଳରୁ ଡିସେମ୍ବର ମାସର ଶେଷ ଭାଗରେ ପୈଗାନ ପରମ୍ପରା ଅନୁଯାୟୀ ଖୁବ୍ ଭୋଜିଭାତ ହେଉଥିଲା । ଏହି ଧାରାକୁ ଖ୍ରୀଷ୍ଟିୟାନମାନେ ଆପଣାଇଲେ ଏବଂ ଏହାର ନାମ ଦେଲେ ଖ୍ରୀଷ୍ଟମାସ୍ ।


ତେବେ ପ୍ରଚଳିତ ମାନ୍ୟତା ହେଉଛି ଖ୍ରୀଷ୍ଟପୂର୍ବ ୬ର ଡିସେମ୍ବର ୨୫ ତାରିଖରେ ଜଣେ ଇହୁଦି ବଢେଇ ଯୋସେଫଙ୍କ ପତ୍ନୀ ମରିୟମଙ୍କ ଗର୍ଭରୁ ଯିଶୁ ଜନ୍ମ ହୋଇଥିଲେ କିନ୍ତୁ ଯିଶୁଙ୍କ ଜନ୍ମ ବେଳକୁ ମରିୟମ କୁମାରୀ ଥିଲେ । ଯିଶୁଙ୍କ ଜନ୍ମସ୍ଥାନ ବେଥେଲହାମ ଜେରୁଜେଲମଠାରୁ ୧୦ କିଲୋମିଟର ଦୂରରେ ଏକ ପାଲେଷ୍ଟାଇନ ସହରରେ ରହିଛିଛ ଯିଶୁଙ୍କ ଜନ୍ମ ପରେ ତାଙ୍କୁ ଦେଖିବା ପାଇଁ ତିନିଜଣ ବିଦ୍ୱାନ ବେଥେଲହାମରେ ପହଞ୍ଚିଥିଲେ । ସେମାନଙ୍କୁ ଫରିସ୍ତା କୁହାଯାଏ । ଏକଥା ମଧ୍ୟ କୁହାଯାଏ ଯେ ମରିୟମ ଯିଶୁଙ୍କ ଜନ୍ମ ଦେବା ପୂର୍ବରୁ ସ୍ୱର୍ଗଦୂତ ଗାବ୍ରିଏଲ ତାଙ୍କୁ ଦର୍ଶନ ଦେଇ କହିଥିଲେ ଆପଣ ନାରୀମାନଙ୍କ ମଧ୍ୟରେ ଶ୍ରେଷ୍ଠ କାରଣ ଈଶ୍ୱରଙ୍କ ମାତା ହେବା ପାଇଁ ଆପଣଙ୍କୁ ଚୟନ କରାଯାଇଛି ।

**୩. କେମିତି ଥିଲା ଯିଶୁଖ୍ରୀଷ୍ଟଙ୍କ ଚେହେରା**

ସାଧାରଣତଃ ଚିତ୍ରରେ ଯିଶୁଙ୍କ ସୁନ୍ଦର ଗୋରା ବ୍ୟକ୍ତି ଭାବରେ ପ୍ରଦର୍ଶିତ କରାଯାଏ । କିନ୍ତୁ ୨୦୦୧ ମସିହାରେ ବିବିସିରେ ପ୍ରକାଶିତ ଏକ ରିପୋର୍ଟ ଲୁକିଂ ଫର୍ ଦି ହିଷ୍ଟୋରିକାଲ ଜେସସ ଅନୁଯାୟୀ ବର୍ଷ ବର୍ଷର କଠିନ ପରିଶ୍ରମ ଓ ଗବେଷଣା ପରେ ଫୋରେନସିକ ବୈଜ୍ଞାନିକ ରିଚାର୍ଡ ନେବେ ଯିଶୁଖ୍ରୀଷ୍ଟଙ୍କ ଚେହେରାର ମଡେଲ ଦୁନିଆ ଆଗରେ ଉପସ୍ଥାପିତ କରିଥିଲେ । ଏହି ଚେହେରା ବର୍ତ୍ତମାନ ଦେଖାଯାଉଥିବା ଚିତ୍ରଠାରୁ ପୂରା ଅଲଗା ଥିଲାଛ ରିଚାର୍ଡ ଇସ୍ରାଏଲର ପ୍ରତ୍ନତାତ୍ତ୍ୱିକ ସ୍ଥଳଗୁଡ଼ିକରେ ମିଳିଥିବା ୩ଟି କୁଟିରରୁ ମିଳିଥିବା ସୂଚନା ଓ ବିଭିନ୍ନ ଉଲ୍ଲେଖକୁ ମିଶାଇଥିଲେ । ରିଚାର୍ଡ ଯିଶୁଙ୍କ ମଧ୍ୟ ପ୍ରାଚ୍ୟର ଜଣେ ପାରମ୍ପରିକ ଇହୁଦି ଭାବରେ ଦେଖାଇଥିଲେ । ତାଙ୍କର ଚେହେରା ଉତ୍ତର ଇସ୍ରାଏଲର ଗୋଲିଲି ସହରର ଲୋକମାନଙ୍କ ସହ ମିଶୁଥିଲା । ରିଚାର୍ଡଙ୍କ ଟିମ୍ କେତେକ ପ୍ରସିଦ୍ଧ ଲୋକ ଯେମିତିକି ମାସିଡୋନିଆର ଫିଲିପ୍ସ ସେକେଣ୍ଡ, ଆଲେକଜାଣ୍ଡାର ଦି ଗ୍ରେଟ୍‌ଙ୍କ ପିତା ଏବଂ ଫିଜିଆର ରାଜା ମିଦାସଙ୍କ ଚେହେରା ସହ ମିଶାଇ ନୂତନ ଚେହେରା ପ୍ରସ୍ତୁତ କରିଥିଲେ ଏବଂ କମ୍ପ୍ୟୁଟର ସାହାଯ୍ୟରେ ତାଙ୍କର ମାଂସପେଶୀ, ତ୍ୱଚା ଆଦି ପ୍ରସ୍ତୁତ କରିଥିଲେ । ତାଙ୍କର ଦାଢ଼ି ଏବଂ ମୁଣ୍ଡିରେ ଛୋଟ ଛୋଟ କୁଞ୍ଚୁକୁଞ୍ଚିଆ କେଶ ଥିଲା । ପ୍ରକୃତରେ ପାରମ୍ପରିକ ଇହୁଦିମାନଙ୍କର ଚେହେରା ଏହିପରି ହୋଇଥାଏଛ ଯିଶୁଙ୍କ ଉଚ୍ଚତା ୫ଫୁଟ ଠାରୁ ଅଧିକ ଅନୁମାନ କରାଯାଏ । ଏଥିସହ ଆଖିର ରଙ୍ଗ କଳା, ମୁହଁ ବଡ଼ ଏବଂ ରଙ୍ଗ ଗହମ ପରି ବୋଲି ଏହି ଗବେଷଣାରେ କୁହାଯାଇଛ ।

**୪. ଭାରତକୁ ଆସିଥିଲେ କି ଯିଶୁଖ୍ରୀଷ୍ଟ**

ଅନେକ ଧର୍ମ ବିଶେଷଜ୍ଞଙ୍କ ମତ ଯିଶୁ କ୍ରୁଶବିଦ୍ଧ ହୋଇଥିଲେ ସତ କିନ୍ତୁ ତାଙ୍କର ମୃତ୍ୟୁ ହୋଇନଥିଲାଛ



ଯେତେବେଳେ ତାଙ୍କୁ କ୍ରୁଶବିଦ୍ଧ କରାଯାଇଥିଲା ସେତେବେଳେ ତାଙ୍କ ବୟସ ୩୩ବର୍ଷ ଥିଲା । ଗବେଷକମାନଙ୍କର ମତ ୧୩ରୁ ୨୯ବର୍ଷ ବୟସ ମଧ୍ୟରେ ସେ ଭାରତର କାଶ୍ମୀରରେ ବୌଦ୍ଧ ମଠାରେ ଶିକ୍ଷାଗ୍ରହଣ କରିଥିଲେ ଓ କ୍ରୁଶବିଦ୍ଧ ହେବା ପରେ ପୁଣି ଜୀବନଲାଭ କରି ସେହି ମଠକୁ ଫେରିଆସିଥିଲେ ଓ ନିଜର ସମ୍ପୂର୍ଣ୍ଣ ଜୀବନ ସେହିଠାରେ କଟାଇଥିଲେ । ନିକଟରେ କାଶ୍ମୀରରେ ତାଙ୍କ ସମାଧି ଥିବା ସମ୍ପର୍କରେ ବିବିସିରେ ଏକ ରିପୋର୍ଟ



ପ୍ରକାଶିତ ହୋଇଛି । ଏହି ରିପୋର୍ଟ ଅନୁଯାୟୀ ପୁରୁଣା ଶ୍ରୀନଗରରେ ଗୋଟିଏ ସାଧାରଣ ଅଟ୍ଟାଳିକାକୁ ରୋଜାବଲ କୁହାଯାଏ । ଏହି ଅଟ୍ଟାଳିକା ଗୋଟିଏ ଗଳିର ଶେଷ ଭାଗରେ ରହିଛି । ଏହା ପଥର ତିଆରି ଏକ ସାଧାରଣ ଘର ଏବଂ ଏଥିରେ ଗୋଟିଏ କବର ରହିଛି । ଏହି କବରରେ ଯିଶୁଖ୍ରୀଷ୍ଟଙ୍କୁ କବର ଦିଆଯାଇଛି ବୋଲି ବିଶ୍ୱାସ କରାଯାଏଛ ଶ୍ରୀନଗରର ଖାନୟାର ଅଞ୍ଚଳରେ ଗୋଟିଏ ଗଳିରେ ରୋଜାବଲ ଅଛି । ଔପଚାରିକ ଭାବରେ ଏହି କବର ମଧ୍ୟଯୁଗୀୟ ଜଣେ ମୁସଲମାନ ଧର୍ମ ପ୍ରଚାରକ ୟୁଜା ଆସସ୍କସଙ୍କ କବର । କିନ୍ତୁ ସ୍ଥାନୀୟ ଲୋକଙ୍କର ବିଶ୍ୱାସ ଏହା ନଜାରେଜ ଯିଶୁଙ୍କ କବରଛ ସ୍ଥାନୀୟ ଲୋକଙ୍କର ଏହା ମଧ୍ୟ ବିଶ୍ୱାସ ରହିଛି ଯେ ୮୦ ଖ୍ରୀଷ୍ଟାବ୍ଦରେ ପ୍ରସିଦ୍ଧ ବୌଦ୍ଧ ସମ୍ମିଳନୀରେ ଯିଶୁଖ୍ରୀଷ୍ଟ ଭାଗ ନେଇଥିଲେ । ଶ୍ରୀନଗରର ଉତ୍ତରରେ ଥିବା ଗୋଟିଏ ପାହାଡ଼ ଉପରେ ଏକ ବୌଦ୍ଧବିହାରର ଅବଶେଷ ରହିଛି, ଏହି ଠାରେ ହିଁ ଉକ୍ତ ସମ୍ମିଳନୀ ହୋଇଥିଲା ବୋଲି ବିଶ୍ୱାସ କରାଯାଏଛ ଯିଶୁଖ୍ରୀଷ୍ଟ ଭାରତରେ ରହିଥିଲେ ବୋଲି ୧୮୧୪ ମସିହାରେ ପ୍ରଥମଥର ପାଇଁ ଋଷିୟ ଗବେଷକ ନିକୋଲାସ ଲାଟୋବିଜ ବର୍ଣ୍ଣନା କରିଥିଲେ । ନିକୋଲାସ ୪୦ବର୍ଷ ପର୍ଯ୍ୟନ୍ତ ଭାରତ ଓ ତିବ୍ବତରେ ଏ ସମ୍ପର୍କରେ ଅଧ୍ୟୟନ କରୁଥିଲେ । ଏହି ସମୟରେ ସେ ତତ୍କାଳୀନ ଭାରତର ରାଜଭାଷା ହୋଇଥିବା ପାଲି ଅଧ୍ୟୟନ କରିଥିଲେ ଏବଂ ପୁରୁଣା ପାଣ୍ଡୁଲିପି, ଶିଳାଲେଖ ଆଦିର ଗବେଷଣା ଆଧାରରେ ସେ ଏକ ପୁସ୍ତକ ଲେଖିଥିଲେ ଯାହାର ନାମ ଥିଲା ଦି ଅନନୋନ ଲାଇଫ୍ ଅଫ୍ ଜେସସ କ୍ରାଏଷ୍ଟ । ଏଥିରେ ସେ ପ୍ରମାଣିତ କରିଥିଲେ ମହାପୁରୁଷ ଯିଶୁ ତାଙ୍କର ଅଜ୍ଞାତ ବର୍ଷଗୁଡ଼ିକ ଲଦାଖ ଓ କାଶ୍ମୀରରେ ବିତାଇଥିଲେ ।

**୫. ଯିଶୁଖ୍ରୀଷ୍ଟଙ୍କ ପତ୍ନୀ ଓ ଦୁଇ ସନ୍ତାନ !**


ଗୋଟିଏ ନୂତନ ଗବେଷଣା ଅନୁଯାୟୀ ଯିଶୁ ମେରି ମେଗଡୋଲିନଙ୍କୁ ବିବାହ କରିଥିଲେ ଏବଂ ସେମାନଙ୍କର ଦୁଇଟି ସନ୍ତାନ ହୋଇଥିଲେ । ବ୍ରିଟିଶ ଖବରକାଗଜ ଦି ଇଣ୍ଡିପେଣ୍ଡେଣ୍ଟରେ ଦି ସନ୍‌ଡେ ଟାଇମ୍ସ ସୌଜନ୍ୟରୁ ଏକ ରିପୋର୍ଟ ପ୍ରକାଶିତ ହୋଇଥିଲା । ଯେଉଁଥିରେ କୁହାଯାଇଥିଲା ଯେ ବ୍ରିଟିଶ ଲାଇବ୍ରେରୀରେ ଦେହଜାର ବର୍ଷ ପୁରାତନ ଏକ ଦସ୍ତାବିଜ ମିଳିଛି । ଯେଉଁଥିରେ ଉଲ୍ଲେଖ ଅଛି ଯେ ଯିଶୁଖ୍ରୀଷ୍ଟ ବିବାହ କରିନଥିଲେ କିନ୍ତୁ ତାଙ୍କର ଦୁଇଟି ସନ୍ତାନ ମଧ୍ୟ ଥିଲେ । ପ୍ରଫେସର ବେରି ୱିଲସନ ଓ ଲେଖକ ସିମଚା ଜେକୋଭିକ ଦି ଲାଷ୍ଟ ଗସ୍ପେଲ ଭାବରେ ଜଣାଶୁଣା ଏହି ଦସ୍ତାବିଜକୁ ଆରାମିକ୍ ଭାଷାରୁ ଅନୁବାଦ କରିବା ପାଇଁ ମାସ ମାସ ଲାଗିଯାଇଥିଲା । ଏଥିରେ କୁହାଯାଇଛି ଯିଶୁଖ୍ରୀଷ୍ଟ ପତ୍ନୀ ମେରି ମେଗଡୋଲିନ । ଏହା ପୂର୍ବରୁ ମଧ୍ୟ ଯିଶୁଖ୍ରୀଷ୍ଟଙ୍କ ସମ୍ପର୍କରେ ଲେଖାଯାଇଥିବା ଅନେକ ପୁସ୍ତକରେ ମେରୀଙ୍କ ସମ୍ପର୍କରେ ସୂଚନା ରହିଛି ଏବଂ ଯିଶୁଖ୍ରୀଷ୍ଟଙ୍କ ଜୀବନର ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତଗୁଡ଼ିକରେ ତାଙ୍କ ଉପସ୍ଥିତିର ସୂଚନା ରହିଛି । ତେବେ ଖ୍ରୀଷ୍ଟୀୟ ଚର୍ଚ୍ଚ ଏଥିସହ ସହମତ ନୁହେଁ ।

**୬. ଯିଶୁ ଏବଂ କୃଷ୍ଣ**

୧୯୬୯ ମସିହାରେ ଲୁଇସ ଜେକୋଲିୟର ଗୋଟିଏ ପୁସ୍ତକ ଲେଖିଥିଲେ, 'ଦି ବାଇବେଲ ଇନ୍ ଇଣ୍ଡିଆ' ବା 'ଦି ଲାଇଫ୍ ଅଫ୍ ଜେଜିୟସ ଖ୍ରୀଷ୍ଟନା' । ଏଥିରେ ସେ ଲେଖିଥିଲେ ଯେ ଯିଶୁଖ୍ରୀଷ୍ଟ ଓ ଭଗବାନ କୃଷ୍ଣ ଏକ ଥିଲେ । ସେ ନିଜ ପୁସ୍ତକରେ କୃଷ୍ଣ ଏବଂ ଯିଶୁଙ୍କ ମଧ୍ୟରେ ତୁଳନାତ୍ମକ ପୁସ୍ତକ ଅଧ୍ୟୟନ କରିଥିଲେ । ଜିସସ୍ ଶବ୍ଦ ସମ୍ପର୍କରେ ଲୁଇସ କହିଥିଲେ ଯିଶୁଖ୍ରୀଷ୍ଟଙ୍କୁ ଜିସସ୍ ନାମ ଦେଇଥିଲେ ତାଙ୍କର ଅନୁଗାମୀମାନେ । ଯାହାର ସଂସ୍କୃତ ଅର୍ଥ ହେଉଛି ମୂଳତତ୍ତ୍ୱ । ସେ ନିଜ ପୁସ୍ତକରେ ଏକଥା ମଧ୍ୟ କହିଥିଲେ ଯେ କ୍ରାଏଷ୍ଟ ଶବ୍ଦ କୃଷ୍ଣ ଶବ୍ଦର ଏହି ରୂପାନ୍ତରଣ । ଅବଶ୍ୟ ସେ କୃଷ୍ଣ ବଦଳରେ କ୍ରିଷ୍ଣା ଶବ୍ଦ ବ୍ୟବହାର କରିଥିଲେ । ସେ କହିଥିଲେ ଯେ କ୍ରିଷ୍ଣା ଶବ୍ଦ ୟୁରୋପରେ କ୍ରାଏଷ୍ଟ ଏବଂ ଖ୍ରୀଷ୍ଟିୟାନ ଶବ୍ଦରେ ପରିଣତ ହୋଇଥିଲା । ଲୁଇସ୍‌ଙ୍କ ଅନୁଯାୟୀ ଯିଶୁଖ୍ରୀଷ୍ଟ ଭାରତ ଭ୍ରମଣ ସମୟରେ ଜଗନ୍ନାଥ ମନ୍ଦିରରେ ମଧ୍ୟ ରହିଥିଲେ । ଋଷୀୟ ଅନ୍ୱେଷକ ନିକୋଲାସ ନୋଟୋବିଚ୍ ଭାରତରେ କିଛି ବର୍ଷ ରହି ପ୍ରାଚୀନ ହେମିସ ବୌଦ୍ଧ ମଠରେ ରଖାଯାଇଥିବା ପୁସ୍ତକ 'ଦ ଲାଇଫ୍ ଅଫ୍ ସନ୍ଥ ଇସା'କୁ ଅଧ୍ୟୟନ କରି ଫରାସୀ ଭାଷାରେ ଦି ଅନୋନନ ଲାଇଫ୍ ଅଫ୍ ଜେସସ କ୍ରାଏଷ୍ଟ ନାମକ ପୁସ୍ତକ ଲେଖିଥିଲେ ।

**୭. ସେଣ୍ଟ୍ ଥୋମାସ ଏବଂ ଭାରତ**

ଯିଶୁଙ୍କର ୧୨ଜଣ ଆଦ୍ୟ ଶିଷ୍ୟ ଥିଲେଛ ସେମାନେ ହେଉଛନ୍ତି ପିଟର, ଆଣ୍ଡ୍ରୁ୍ୟ, ଜେମ୍ସ, ଜନ, ଫିଲିପ, ବର୍ଥୋଲୋମିୟୁ, ମ୍ୟାଥ୍ୟୁ, ଥୋମାସ, ଜେମ୍ସ, ଜୁଦାସ, ସାଇମଣ୍ଡ ଦି ଜିଲୋଟ, ମାତିୟାହଛ ଯିଶୁ କ୍ରୁଶବିଦ୍ଧ ହେବା ପରେ ତାଙ୍କର ଶିଷ୍ୟମାନେ ତାଙ୍କର ବାଣୀ ପ୍ରଚାର କରିଥିଲେ । ସେମାନଙ୍କ ମଧ୍ୟରୁ ଥୋମାସ ବା ସେଣ୍ଟ୍ ଥୋମାସ ଭାରତରେ ଯିଶୁଖ୍ରୀଷ୍ଟଙ୍କ ସନ୍ଦେଶ ପ୍ରଚାର କରିଥିଲେ । ସେ ଏ ଗସପେଲ ଅଫ ଥୋମାସ ଏକ ପୁସ୍ତକ ଲେଖିଥିଲେ । ୭୨ ଖ୍ରୀଷ୍ଟାବ୍ଦରେ ଚେନ୍ନାଇର ସେଣ୍ଟ୍ ଥୋମାସ ମାଉଣ୍ଟରେ ଜଣେ ଆଦିବାସୀର ବର୍ଚ୍ଛାରେ ସେ ମୃତ୍ୟୁବରଣ କରିଥିଲେ । ତାଙ୍କ ପୁସ୍ତକରେ ମଧ୍ୟ ମେରି ମେଗଡୋଲିନଙ୍କ ଉଲ୍ଲେଖ ରହିଛି । ବିଶ୍ୱାସ କରାଯାଏ ଭାରତରେ ଖ୍ରୀଷ୍ଟଧର୍ମର ଆରମ୍ଭ କେରଳର ତଟୀୟ ସହର କ୍ରାଙ୍ଗାନୁରରୁ ଆରମ୍ଭ ହୋଇଥିଲା । ସେଣ୍ଟ ଥୋମାସ ୫୨ ଖ୍ରୀଷ୍ଟାବ୍ଦରେ ଏଠାରେ ପହଞ୍ଚି ଥିଲେ । ବିଶ୍ୱାସ କରାଯାଏ ସେ ପ୍ରଥମେ କେତେଜଣ ବ୍ରାହ୍ମଣଙ୍କୁ ଖ୍ରୀଷ୍ଟ ଧର୍ମରେ ଦୀକ୍ଷିତ କରିଥିଲେ । ଏହାପରେ ସେ ଆଦିବାସୀମାନଙ୍କୁ ଧର୍ମାନ୍ତରିତ କରିଥିଲେଛ ଦକ୍ଷିଣ ଭାରତରେ ସିରିଆନ ଜେସସ ଚର୍ଚ୍ଚ ସେଣ୍ଟ୍ ଥୋମାସଙ୍କ ଆଗମନର ସଙ୍କେତ ଦେଇଥାଏ ।




**୮. କେଉଁ ଭାଷା କହୁଥିଲେ ଯିଶୁଖ୍ରୀଷ୍ଟ**


ଯିଶୁଖ୍ରୀଷ୍ଟ ଇସ୍ରାଏଲରେ ଯେଉଁ ସବୁ ସ୍ଥାନରେ ରହୁଥିଲେ, ସେଠାରେ ଭିନ୍ନ ଭିନ୍ନ ଭାଷା କୁହାଯାଏ । ତେଣୁ ଆଜି ମଧ୍ୟ ଏହି ପ୍ରଶ୍ନ ରହିଛି ଯିଶୁଖ୍ରୀଷ୍ଟ କେଉଁ ଭାଷା କହୁଥିଲେ । ଏହାକୁ ନେଇ ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ଓ ପୋପ୍ ଫ୍ରାନ୍ସିସଙ୍କ ମଧ୍ୟରେ ମଧ୍ୟ ଯୁକ୍ତିତର୍କ ହୋଇସାରିଚି । ନେତନ୍ୟାହୁ ଜେରୁଜେଲମରେ ଏକ ସାର୍ବଜନନୀ ବୈଠକରେ ପୋପଙ୍କୁ କହିଥିଲେ– ଯିଶୁଖ୍ରୀଷ୍ଟ ଏଠାରେ ରହୁଥିଲେ ଏବଂ ସେ ହିବ୍ରୁ କହୁଥିଲେ । ପୋପ୍ ଫ୍ରାନ୍ସିସ ଏହାକୁ ଅସ୍ୱୀକାର କରି କହିଥିଲେ ଯେ ଯିଶୁ ଆରାମିକ ଭାଷା କହୁଥିଲେ । ଏହାପରେ ନେତନ୍ୟାହୁ କହିଥିଲେ ସେ ଆରାମିକ କହୁଥିଲେ କିନ୍ତୁ ହିବ୍ରୁ ଜାଣିଥିଲେ । ହିବ୍ରୁ ତତ୍କାଳୀନ ଇସ୍ରାଏଲର ବିଦ୍ୱାନ ଓ ଧର୍ମଗ୍ରନ୍ଥଗୁଡ଼ିକର ଭାଷା ଥିଲା । ତେଣୁ ଯିଶୁଖ୍ରୀଷ୍ଟଙ୍କର ଦୈନନ୍ଦିନ ଜୀବନର ଭାଷା ଆରାମିକ ଥିବା ଜଣାଯାଏ । ଅଧିକାଂଶ ବାଇବେଲ ବିଦ୍ୱାନଙ୍କ ମତ ବାଇବେଲରେ ଯିଶୁଖ୍ରୀଷ୍ଟ ଆରାମିକ ଭାଷାରେ ହିଁ କହିଛନ୍ତି ।

**୯. କେବେ ଲେଖାଯାଇଥିଲା ବାଇବେଲ ?**

ବାଇବେଲର ଅର୍ଥ ଆରାମିକ ଭାଷାରେ ପୁସ୍ତକ । ଏହା ଖ୍ରୀଷ୍ଟିଆନମାନଙ୍କର ପବିତ୍ର ଧର୍ମଗ୍ରନ୍ଥ । ଏ ମଧ୍ୟରେ ଓଲ୍ଡ ଟେଷ୍ଟାମେଣ୍ଟ ମଧ୍ୟ ସାମିଲ । ଓଲ୍ଡ ଟେଷ୍ଟାମେଣ୍ଟର ଅର୍ଥ ହେଉଛି ପୁରାତନ ସିଦ୍ଧାନ୍ତ ବା ପୁରାତନ ନିୟମ । ଏଥିରେ ଇହୁଦି ଧର୍ମ ଓ ଇହୁଦି ପୌରାଣିକ କାହାଣୀ ନିୟମ ଆଦିର ବର୍ଣ୍ଣନା ରହିଛି । ନ୍ୟୁ ଟେଷ୍ଟାମେଣ୍ଟରେ ଯିଶୁଙ୍କ ଜୀବନ ଓ ଦର୍ଶନ ସମ୍ପର୍କରେ ଉଲ୍ଲେଖ ରହିଛି । ବାଇବେଲ ଯିଶୁ ଯିବାର ୨୦୦ବର୍ଷ ପରେ ଲେଖାଯାଇଥିଲା ଅବଶ୍ୟ ଏହାକୁ ନେଇ ବିଦ୍ୱାନମାନଙ୍କ ମଧ୍ୟରେ ମତଭେଦ ରହିଛି ।

**୧୦. ଯିଶୁଙ୍କ ଉପରେ ସବୁଠାରୁ ବିବାଦୀୟ ସିନେମା**

ଉତ୍ତର ଇଜିପ୍ଟର ହମାଧି ସହରରେ ୧୯୪୫ ମସିହାରେ ଗୋଟିଏ ବାସନ ମଧ୍ୟରେ ସୁରକ୍ଷିତ ଭାବରେ ୧୨ଟି ଦସ୍ତାବିଜ ମିଳିଥିଲା । ବର୍ଷ ବର୍ଷ ଧରି ଏହାର ଅଧ୍ୟୟନ କରିବା ପରେ ଲେଖକ ଡ୍ୟାନ୍ ବ୍ରାଉନ ଦି ଭିନ୍ସି କୋଡ ନାମକ ଏକ ଉପନ୍ୟାସ ଲେଖିଥିଲେ । ଏହି ଦସ୍ତାବିଜକୁ ଗୁପ୍ତ ଗୋଷ୍ଠୀ ସଂରକ୍ଷିତ ରଖିଥିଲେ । ବିଖ୍ୟାତ ଚିତ୍ରକାର ଲିଓନାର୍ଡ ଦା ଭିନ୍ସି ଏମିତି ଏକ ଗୁପ୍ତ ସମୂହର ସଦସ୍ୟ ଥିଲେ । ତେଣୁ ସେ ନିଜର ଚିତ୍ରଗୁଡ଼ିକରେ କିଛି ସୂତ୍ର ଏବଂ ସଂକେତ ଲୁକ୍କାୟିତ ରଖିଥିଲେ । ଏସବୁକୁ ଆଧାର କରି ବିବାଦୀୟ ଫିଲ୍ମ ଦି ଭିନ୍ସି କୋଡ ନିର୍ମିତ ହୋଇଥିଲା ।












## ସାନ୍ତା କିଏ ?

ସାନ୍ତା କ୍ଲଜ ଚତୁର୍ଥ ଶତାବ୍ଦୀରେ ମାଏରା ନିକଟବର୍ତ୍ତୀ ଏକ ସହରରେ ଜନ୍ମ ଗ୍ରହଣ କରିଥିବା ସନ୍ଥ ନିକୋଲାସ । ତାଙ୍କ ପିତା ଜଣେ ବଡ଼ ବ୍ୟବସାୟ ଥିଲେ ଏବଂ ସେ ହିଁ ନିକୋଲାସଙ୍କୁ ସବୁ ସମୟରେ ଅନ୍ୟମାନଙ୍କ ପ୍ରତି ଦୟା ଦେଖାଇବା ପାଇଁ ଏବଂ ସାହାଯ୍ୟ କରିବା ପାଇଁ ପ୍ରେରଣା ଦେଇଥିଲେ ଏବଂ ପିତାଙ୍କ ପ୍ରଭାବରେ ନିକୋଲାସ ସବୁ ସମୟରେ ଅନ୍ୟମାନଙ୍କ ସାହାଯ୍ୟ କରିବା ପାଇଁ ପ୍ରସ୍ତୁତ ରହୁଥିଲେ । ପିଲାମାନଙ୍କ ପ୍ରତି ତାଙ୍କର ଅଧିକ ଶ୍ରଦ୍ଧା ଥିଲା । ତେଣୁ ସେ ପିଲାମାନଙ୍କ ପାଇଁ ଅନେକ ଖେଳନା କିଣି ଝରକା ଦେଇ ସେମାନଙ୍କ ଘରକୁ ପକାଇ ଦେଉଥିଲେଛ ସନ୍ଥ ନିକୋଲାସଙ୍କ ସ୍ମୃତିରେ କେତେକ ସ୍ଥାନରେ ପ୍ରତିବର୍ଷ ଡିସେମ୍ବର ୬ ତାରିଖକୁ ସେକ୍ ନିକୋଲାସ ଡେ' ମଧ୍ୟ ପାଳନ କରାଯାଏ । ଲୋକଙ୍କର ଧାରଣା ନିକୋଲାସଙ୍କ ଲୋକପ୍ରିୟତାରେ ଅସନ୍ତୁଷ୍ଟ ଶାସକ ଗୋଷ୍ଠୀ ଡିସେମ୍ବର ୬ ତାରିଖରେ ତାଙ୍କୁ ହତ୍ୟା କରିଥିଲେ । ତଥାପି ଆଜି ମଧ୍ୟ ସାରାବିଶ୍ୱର ପିଲାମାନେ ୨୫ ଡିସେମ୍ବରରେ ସାନ୍ତାକ୍ଲଜଙ୍କ ଉପହାର ପାଇଁ ଅପେକ୍ଷା କରି ରହନ୍ତି ।



## ଜିଙ୍ଗିଲ ବେଲ୍


ଜିଙ୍ଗିଲ ବେଲ୍ ଗୀତକୁ ଖ୍ରୀଷ୍ଟ ଧର୍ମର ବଡ଼ ଦିନ ସହ ଯୋଡ଼ି ଦିଆଯାଏ । କିନ୍ତୁ ପ୍ରକୃତରେ ଏହା ଏକ ବଡ଼ଦିନ ଗୀତ ନୁହେଁ, ବରଂ ଏକ ଧନ୍ୟବାଦ ସଙ୍ଗୀତ । ୧୮୫୦ ମସିହାରେ ଜର୍ଜିଆର ସଙ୍ଗୀତ ନିର୍ଦ୍ଦେଶକ ଜେମ୍ସ ପିୟର ପଣ୍ଡ ୱାନ ହର୍ଷ ଓପନ ସ୍ଲେଇ ନାମରେ ଏହି ଗୀତଟିକୁ ଲେଖିଥିଲେ । ତେବେ ପିୟର ପଣ୍ଡଙ୍କ ମୃତ୍ୟୁର ୩ବର୍ଷ ପୂର୍ବରୁ ଅର୍ଥାତ୍ ୧୮୯୦ ବେଳକୁ ଏହା ବଡ଼ଦିନର ସବୁଠାରୁ ଲୋକପ୍ରିୟ ଗୀତ ହୋଇଯାଇଥିଲା ।

ଶେଷ ପୃଷ୍ଠା

# ଓଡ଼ିଶା ଏକ୍ସପ୍ରେସ୍

କେନ୍ଦ୍ରାପଡ଼ା | 23rd December, 2025 Tuesday | RNI Regd. No. ODIODI/2009/28880

## ହେଲ୍ଥ ଟନିକ୍



### ଔଷଧ ବଟିକା ବନାମ ରାବଣର ମୁଣ୍ଡବିନ୍ଧା

ମେଡିକାଲ୍ ରିପ୍ରେଜେଟେଣ୍ଟିଭ୍ ଚାକିରି ପାଇଁ ଆସିଥିବା ପ୍ରାର୍ଥୀଙ୍କୁ ସାକ୍ଷାତକାର ନେଉଥିବା ଅଧିକାରୀ ପଚାରିଲେ- ୧୦ଟି ବଟିକା ଥିବା ଆଲୁମିନିୟମ ଷ୍ଟ୍ରିପ୍‌ର ପ୍ରଚଳନ କେବେଠୁ ହୋଇଛି ?

ପ୍ରାର୍ଥୀ ଅଳ୍ପ ସମୟ ଚିନ୍ତା କରି କହିଲେ- ତ୍ରେତୟା ଯୁଗରୁ ଏହାର ପ୍ରଚଳନ। ବାଲ୍ମିକୀ ରଚିତ ରାମାୟଣ ଗ୍ରନ୍ଥକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ଶ୍ରୀଲଙ୍କାରେ ହିଁ ୧୦ଟି ବଟିକା ଥିବା ଷ୍ଟ୍ରିପ୍ ପ୍ରସ୍ତୁତ ହୋଇଥିଲା। ଏହା ପ୍ରମାଣ ଏହି ମହାନ ଗ୍ରନ୍ଥରୁ ମିଳିଥାଏ।

ଏବେ ସାକ୍ଷାତକାର ନେଉଥିବା ଅଧିକାରୀ କହିଲେ- କିନ୍ତୁ ରାମାୟଣରେ ତ ଏଲୋପ୍ୟାଥି ଔଷଧ କଥା ଉଲ୍ଲେଖ ନାହିଁ ?

ପ୍ରାର୍ଥୀ କହିଲେ- ସାର୍, ଇଏ ଏଲୋପ୍ୟାଥି, ହୋମିଓପ୍ୟାଥି କିମ୍ବା ଆୟୁର୍ବେଦର କଥା ନୁହେଁ। ରୋଗୀ ଗୋଟିଏ ଥରରେ କେତେଟା ବଟିକା ବ୍ୟବହାର କରିପାରିବ ସେହି ଅନୁଯାୟୀ ବଟିକା ରଖାଯାଉଥିଲା। ଲଙ୍କାର ରାବଣ ପାଇଁ ୧୦ଟି ବଟିକା ଥିବା ଷ୍ଟ୍ରିପ୍‌ର ପ୍ରଚଳନ ହୋଇଥିବା ଅନୁମାନ କରାଯାଏ। ବିଶେଷକରି ମୁଣ୍ଡବିନ୍ଧା ବଟିକା ପ୍ରସ୍ତୁତିରୁ ଏହି ପ୍ରକାରର ଷ୍ଟ୍ରିପ୍‌ର ପ୍ରଚଳନ ହୋଇଥିବା ପ୍ରମାଣ ମିଳେ। ଥରକୁ ଗୋଟିଏ ମୁଣ୍ଡ ପାଇଁ ଗୋଟିଏ ବଟିକା ଗ୍ରହଣ କରାଯାଉଥିବାରୁ ୧୦ଟି ମୁଣ୍ଡ ପାଇଁ ଏକକାଳୀନ ୧୦ଟି ବଟିକାର ଆବଶ୍ୟକତା ରହିଛି।

## ଫୁଲକୁ ଢଳୁଛନ୍ତି ମଣ୍ଡଳ ଦମ୍ପତି !

ଭଦ୍ରକ,୨୨।୧୨
ଏକ୍ସପ୍ରେସ୍ ନ୍ୟୁଜ୍

ଭଦ୍ରକରେ ଦିନକୁ ଦିନ ବିଜେଡି ଛାଡ଼ି ବିଜେପି ମୁହାଁ ହେଉଛନ୍ତି ନେତା ଆଉ କର୍ମୀ। କିଛି ଦିନ ପୂର୍ବରୁ ଜିଲ୍ଲାର ୪ ବ୍ଲକର ଅଧ୍ୟକ୍ଷ ବିଜେଡି ଛାଡ଼ି ବିଜେପିରେ ଯୋଗଦେଇଥିଲେ। ବିଜେଡିର ବରିଷ୍ଠ ନେତା ପ୍ରଫୁଲ୍ଲ ସାମଲଙ୍କର ଦୁଇ ପୁତ୍ର ଲୁଲୁ ଓ ଜୁଲୁ ବିଜେପିରେ ଯୋଗଦେବା ପରେ ବିଜେଡିରୁ ପ୍ରତିଦିନ ବିଭିନ୍ନ ପଞ୍ଚାୟତରେ ସରପଂଚ ଓ ସମିତି ସଭ୍ୟମାନେ ମଧ୍ୟ ଦଳ ପରିବର୍ତ୍ତନ କରୁଥିବା ନେଇ ଚର୍ଚ୍ଚା ହେଉଛି।

ନୂଆବର୍ଷରେ ଭଦ୍ରକ ଜିଲ୍ଲାର ବିଜେଡିର ତିନି ପ୍ରମୁଖ ନେତା ଜିଲା ସଭାପତି ଜଗନ୍ନାଥ ସ୍ୱାଇଁ, ଧାମନଗର ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଭଦ୍ରକର ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳ ବିଜେଡି ଛାଡ଼ି ବିଜେପିରେ ମିଶିବେ ବୋଲି ଜୋରଦାର ଚର୍ଚ୍ଚା ଆରମ୍ଭ ହୋଇଛି। ମଣ୍ଡଳ ଦମ୍ପତି ବିଜେପିରେ ମିଶିବା ଚର୍ଚ୍ଚା ଏବେ ସବୁଠୁ ଆଲୋଚନା ହେଉଛି। ଶୁଣାଯାଉଛି ଏହି ତିନି ବିଜେଡି ନେତା ବିଜେପିର ରାଜ୍ୟ ସଭାପତିଙ୍କ ସହ ଆଲୋଚନା କରିଛନ୍ତି। ବିଜେପିର ରାଜ୍ୟ ସଭାପତି ମନମୋହନ ସାମଲ କାଳେ ସେମାନଙ୍କ ମିଶ୍ରଣ ନେଇ ସବୁଜ ସଂକେତ ଦେଇସାରିଛନ୍ତି। ତାରିଖ ଧାର୍ଯ୍ୟ ହେଲେ ଏକ ବଡ଼ଧରଣର ମିଶ୍ରଣ ପର୍ବ ହେବ ବୋଲି କୁହାଯାଉଛି।

ଏବେ ମଣ୍ଡଳ ଦମ୍ପତି ଗତ ତିନି ଦିନ ହେଲା ଦିଲ୍ଲୀ ଗ୍ରସରେ ଅଛନ୍ତି। ଦିଲ୍ଲୀରେ ବିଜେପିର କିଛି ଉପର ଲେଭୁଲ୍ ନେତାଙ୍କ ସହ ଆଲୋଚନା କରିଥିବା ନେଇ ଭଦ୍ରକରେ ଚର୍ଚ୍ଚା ହେଉଛି। ଏଭଳି ଚର୍ଚ୍ଚା ଓ ଆଲୋଚନା ସମ୍ପର୍କରେ ବିଜେଡି ନେତା ତଥା ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳଙ୍କ ସହ ଆଲୋଚନା କଲାବେଳେ ସେ କହିଲେ ସମୟ କହିବ କ'ଣ ହେବ। ଆଗାମୀ ଦିନରେ କ'ଣ ନିଷ୍ପତ୍ତି ନେବି ମୁଁ ଗଣମାଧ୍ୟମକୁ କହିବି।

ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି ଯେ ଯେବେ ବିଜେପିର ମିଶ୍ରଣ ପର୍ବ ହେବ ଏହି ତିନି ନେତା କାଳେ ସେହି ଦିନ ବିଜେପିରେ ମିଶିବେ ବୋଲି। ଯଦି ଏଭଳି ଚର୍ଚ୍ଚା ସତ ହୁଏ ତେବେ ଆଗାମୀ ଦିନରେ ବିଜେଡି ଦଳରୁ ଆଉ କେଉଁ ନେତା ବିଜେପିରେ ମିଶିବେ ତାହା ଉପରେ ସମସ୍ତେ ନଜର ରଖିଛନ୍ତି।



## ବିଭିନ୍ନ ସ୍ଥାନରେ ମେଳି କରି ସଂଗଠିତ ହେଉଛି ବିଜେଡି

ଭୁବନେଶ୍ୱର,୨୨।୧୨
ଏକ୍ସପ୍ରେସ୍ ନ୍ୟୁଜ୍

ପ୍ରତିଷ୍ଠା ଦିବସ ପୂର୍ବରୁ ଅଧିକ ସଂଗଠିତ ହେଉଛି ବିଜେଡି। ଦଳୀୟ ନେତା କର୍ମୀଙ୍କୁ ଏକାଠି କରି ନବୀନଙ୍କ ଏକତା ମନ୍ତ୍ର ବାଣ୍ଟୁଛନ୍ତି କିଛି ଆଗଧାଡିର ନେତା। କିଛି ଦିନ ତଳେ ଭୁବନେଶ୍ୱର ଉପକଣ୍ଠ ଝୁମୁକାରେ ୪୦ରୁ ଅଧିକ ପୂର୍ବତନ ବିଧାୟକ ଓ ଯୁବନେତା ଏକାଠି ହୋଇଥିବା ବେଳେ ଆଜି ପ୍ରଭୁ ଲିଙ୍ଗରାଜ ମନ୍ଦିରରେ ଏକାଠି ହୋଇଛନ୍ତି ବରିଷ୍ଠ, କନିଷ୍ଠ ଓ ଯୁବ ନେତା। ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡାଙ୍କ ପକ୍ଷରୁ ପ୍ରଭୁ ଲିଙ୍ଗରାଜଙ୍କ ପହିଲି ଭୋଗ ପାଇବାକୁ ଜମିଥିଲା ବିଜେଡି ନେତାଙ୍କ ଭିଡ। ସମସ୍ତେ ଏକାଠି ହୋଇ ଭୋଗ ପାଇବା ଭିତରେ ଦଳୀୟ ସଂଗଠନକୁ ମଜବୁତ୍ ପାଇଁ ଆଲୋଚନା କରିଥିଲେ।

ଏହି ଅବସରରେ ବିଜେଡିର ବରିଷ୍ଠ ନେତ୍ରୀ ତଥା ବିରୋଧୀ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି, ବିଜେଡି ମଜବୁତ୍ ଅଛି। କିଛି ଲୋକଙ୍କ କାନକୁହା କଥାକୁ ନେଇ ଆଲୋଚନା କରିବା ଉଚିତ୍ ନୁହେଁ। ସଂଗଠନ ମଜବୁତ୍ କରିବାକୁ ଦଳର ଉପସ୍ତରରୁ କର୍ମୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।




ଆସନ୍ତା ୨୬ରେ ବିଜେଡିର ପ୍ରତିଷ୍ଠା ଦିବସ। ଏଥି ପାଇଁ ଦଳ ଭଲ ପ୍ରସ୍ତୁତି କରୁଛି। ସରକାରଙ୍କ ବିଫଳତାକୁ ଲୋକଙ୍କ ପାଖକୁ ନେବା ଲାଗି ରଣନୀତି ପ୍ରସ୍ତୁତ କରିଛି ଦଳ। ଏମିତିରେ ଦଳୀୟ ନେତାଙ୍କ ଭୋଜିଭାତକୁ ମେଳି ବୋଲି କୁହାଯିବ ନାହିଁ ବୋଲି କହିଛନ୍ତି ପ୍ରମିଳା।

ଗୋଟେପଟେ ବିଜେଡିକୁ ଗୋଟିଏ ସୂତ୍ରରେ ବାନ୍ଧି ରଖିବାକୁ ବିଜେଡି ସଭାପତି ନବୀନ ପଟ୍ଟନାୟକ ଉଦ୍ୟମ ଆରମ୍ଭ କରିଥିବା ବେଳେ ତାଙ୍କର ନିର୍ଦ୍ଦେଶରେ ଦଳର କିଛି ଆଗ ଧାଡିର ନେତା ଏହି କାର୍ଯ୍ୟକୁ ଆଗକୁ ବଢ଼ାଇବାରେ ଲାଗିଛନ୍ତି । ନବୀନଙ୍କ ନେତୃତ୍ୱରେ କିଭଳି ବିଜେଡି ଅଧିକ ସଂଗଠିତ ହେବ ନେଇ ଆରମ୍ଭ ହୋଇଛି ପ୍ରୟାସ। ଏସବୁ ଭିତରେ ଦଳୀୟ ପରିଚାଳନାକୁ ନେଇ ପ୍ରଶ୍ନ ଉଠାଇଥିବା ବିଜେଡି ସାଂସଦ ଦେବାଶିଷ ସାମନ୍ତରାୟଙ୍କ ୟୁ ଟର୍ଣ୍ଣ ଦେଖିବାକୁ ମିଳିଛି। ଦେବାଶିଷ କହିଛନ୍ତି ନବୀନବାବୁ ସବୁ ଜାଣିଛନ୍ତି। ଆଗାମୀ ଦିନରେ ସଭାପତି ଦଳର ସବୁ ପ୍ରଭାବୀ ଓ ଦକ୍ଷ ନେତାଙ୍କ ସହ ଆଲୋଚନା କରି ନିଷ୍ପତ୍ତି ନେଲେ ବଡ ସମୀକରଣ ହେବ ବୋଲି କହିଛନ୍ତି ଦେବାଶିଷ।

ମୁଖ୍ୟ ବିରୋଧୀ ଦଳ ବିଜେଡି ଏବେ ସଂଗଠନ ମଜବୁତ୍ ଦିଗରେ ଅଧିକ ଗୁରୁତ୍ୱ ଦେଉଛି। ନବୀନଙ୍କ ନେତୃତ୍ୱରେ ଏକାଠି ହେଉଛନ୍ତି ଦଳର ବରିଷ୍ଠ ଓ ଯୁବ ନେତା। ଆସନ୍ତା ୨୬ରେ ବିଜେଡି ପ୍ରତିଷ୍ଠା ଦିବସରେ ଦଳର ନବକଳେବର ହେବ ବୋଲି ଚର୍ଚ୍ଚା ହେଉଛି।

## ରହସ୍ୟ ଘେରରେ ଏକକାଳୀନ ପରିବାରର ୩ ଜଣଙ୍କ ମୃତ୍ୟୁ



ହିନ୍ଦୋଳ,୨୨।୧୨: ଏକ୍ସପ୍ରେସ୍ ନ୍ୟୁଜ୍

ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ନିର୍ବାଚନ ମଣ୍ଡଳୀରେ ଏକ ଅଭାବନୀୟ ଘଟଣାରେ ତିନି ମୃତ୍ୟୁ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଖବରରୁ ପ୍ରକାଶ ଗତକାଲି ରାତିରେ ଢେଙ୍କାନାଳ ଜିଲ୍ଲା ଓଡାପଡା ବ୍ଲକ କଣ୍ଟାବଣିଆ ଥାନା ଅନ୍ତର୍ଗତ ଅସନବଣିଆ ଗ୍ରାମର ଗୋଟିଏ ପରିବାରର ଅନ୍ତର୍ଯ୍ୟାମୀ ସାହୁଙ୍କ ସ୍ତ୍ରୀ ଗୋଲାପ ସାହୁ(୫୦), ଦୁଇପୁଅ ପିଣ୍ଟୁ ସାହୁ(୩୨), ଲିଟୁ ସାହୁ(୨୪) ଓ ଅନ୍ତର୍ଯ୍ୟାମୀଙ୍କ ଦ୍ୱିତୀୟ ପତ୍ନୀ ବିନୋଦିନୀ ସାହୁ ଓ ଛୋଟିଆ ପୁଅ ମିଶି ଗତକାଲି ସନ୍ଧ୍ୟାରେ ଚିକେନ ଓ ସଜନାଶାଗ ରୋଷେଇ କରି ଅନ୍ୟାନ୍ୟ ଖାଦ୍ୟ ସହିତ ଖାଇସାରି ଶୋଇବାକୁ ଯାଇଥିଲେ। ତେବେ ବିନୋଦିନୀ ଓ ତାଙ୍କ ପୁଅ ଗୋଟିଏ ରୁମରେ ଶୋଇଥିବାବେଳେ ଅନ୍ତର୍ଯ୍ୟାମୀ ବାହାରେ ଶୋଇଥିଲେ ଏବଂ ଗୋଲାପ ତାଙ୍କ ଦୁଇପୁଅ ଅନ୍ୟ ଏକ ରୁମରେ ଶୋଇଥିଲେ। ଶୀତପାଇଁ ଗୋଲାପ ଓ ପୁଅମାନେ କୋଇଲାରେ ଆଞ୍ଚ କରି ନିଆଁ ଜାଳି ଶୋଇଥିଲେ। ତେବେ ସକାଳେ ଦେଖିବାବେଳକୁ ଗୋଲାପ ଦୁଇପୁଅଙ୍କ ସହ ଅଚେତ ହୋଇ ପଡିଛନ୍ତି। ପରିବାର ଲୋକ ଅନୁଗୋଳ ଡାକ୍ତରଖାନା ତିନିଜଣଙ୍କୁ ନେବାରେ ଡାକ୍ତର ସେମାନଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଖବରପାଇ କଣ୍ଟାବଣିଆ ଥାନା ପୋଲିସ ଶବ ତିନୋଟି ଜବତ କରି ଅନୁଗୋଳ ଡାକ୍ତରଖାନାରେ ଶବବ୍ୟବଚ୍ଛେଦ ପାଇଁ ପଠାଇ ମୃତ୍ୟୁର କାରଣ ଜାଣିବାପାଇଁ ଅଧିକ ତଦନ୍ତ ଜାରିରଖିଛି। ତେବେ ଗୋଟିଏ ପରିବାରର ତିନିଜଣଙ୍କ ଏକାସାଙ୍ଗେ ମୃତ୍ୟୁ ହୋଇଥିଲେ ହେଁ କେମିତି କେହି ରାତିରେ ଜାଣି ପାରିଲେନାହିଁ ? ଏହା ଖାଦ୍ୟରେ ବିଷକ୍ରିୟା ପାଇଁ ନା ନିଆଁ ଧୂଆଁରେ ଅଣନିଶ୍ୱାସୀ ହୋଇ ନା କେଉଁକାରଣ ପାଇଁ ମୃତ୍ୟୁ ହୋଇଛି ତାହା ତଦନ୍ତ ସକ୍ଷେପ। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବାପରେ ଜଣାପଡିବ ବୋଲି ଜନସାଧାରଣ ଆଲୋଚନା କରୁଛନ୍ତି।

## ଚୋରକୁ ନିସ୍ତୁକ ମାଡ଼

ଜଳେଶ୍ୱର,୨୨।୧୨
ଏକ୍ସପ୍ରେସ୍ ନ୍ୟୁଜ୍

ବ୍ୟସ୍ତ ବହୁଳ ଜଳେଶ୍ୱର ସହରରେ ଅସାବଧାନତା ଯୋଗୁଁ ବହୁ ସମ୍ପତ୍ତି ଓ ସାମଗ୍ରୀ ଲୁଟ୍ ହେଉଥିବା ସାଧାରଣ ଘଟଣାରେ ପରିଣତ ହୋଇଛି। ଏକ ସପ୍ତାହ ଧରି ଷ୍ଟେସନ ବଜାର ଅଞ୍ଚଳରେ ବିଭିନ୍ନ ଦୋକାନ ସମ୍ମୁଖରୁ ସାମଗ୍ରୀ ଉଭାନ ହେଉଥିବା ଚିତ୍ର ସିସି କ୍ୟାମେରାରେ କଏଦ ହୋଇଥିଲା। କଣ୍ଟେଇ ଡ୍ରେସ୍ ହାଉସରୁ ୧୫ ହଜାର ଟଙ୍କାର ଲୁଗା ବାଣ୍ଡିଲ ଓ ଏକ ଟେମ୍ପୋରୁ ସୋରିଷ ତେଲ ପେଟି ଚୋରି ହୋଇଥିବା ଜଣାପଡିଥିଲା। ଗୁପ୍ତ କ୍ୟାମେର ଚିତ୍ରରୁ ରାଜପୁର ବସ୍ତିର ୟାକତ୍ ନାମକ ବ୍ୟକ୍ତି ବୋଲି ଜଣାପଡିବା ପରେ ସ୍ଥାନୀୟ ଲୋକେ ତାକୁ ବାନ୍ଧି ଉତ୍ତମ ମଧ୍ୟମ ଦେଇଥିଲେ। ସେ ସମସ୍ତ ଦୋଷ ମାନିଥିବାରୁ ତାକୁ ଲୋକେ ଛାଡ଼ିଥିବା ଜଣାପଡିଛି।

## ରାତିକରେ ୪ ମନ୍ଦିରରୁ ଲୁଟ୍

କେନ୍ଦ୍ରାପଡ଼ା,୨୨।୧୨: ଏକ୍ସପ୍ରେସ୍ ନ୍ୟୁଜ୍

ନିକିରାଇ ଥାନା ଅନ୍ତର୍ଗତ ଢୋଲ ପଂଚାୟତରେ ଗତ ରବିବାର ରାତିରେ ସିରିଜ ମନ୍ଦିର ଲୁଟି ହୋଇଥିବା ଜଣାଯାଇଛି। ଦୁର୍ବୃତ୍ତମାନେ ବିଭିନ୍ନ ମନ୍ଦିରରୁ ପ୍ରାୟ ୩୦ଲକ୍ଷ ଟଙ୍କା ମୂଲ୍ୟର ସୁନା, ରୂପା ଗହଣା ଲୁଟି ନେଇଛନ୍ତି । ଢୋଲ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳା ମନ୍ଦିର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ବିଳମ୍ବିତ ରାତ୍ରୀରେ ମା'ଙ୍କର ସୁନା ଚିତା, ହାର, ରୂପା ମୁକୁଟ ଆଦି ଲୁଟି ନେଇଛନ୍ତି। ସେହିପରି ମା' ତାରିଣୀ ମନ୍ଦିରରୁ ଗହଣାଗାଣ୍ଠି ଲୁଟି ନେଇଥିବାବେଳେ ହନୁମାନଜୀଉଙ୍କ ମନ୍ଦିରୁ ଲୁଟ୍ କରିଛନ୍ତି । ଚୋରମାନେ ସେହି ରାତିରେ ମଧ୍ୟ ନଳପାରୀ ଗାଁ ର ଅଧିଷ୍ଠାତ୍ରୀଦେବୀ ମା' କ୍ଷେତ୍ରପାଳିନୀ ମନ୍ଦିରରେ କଳାକନା ବୁଲାଇ ଦେଇଛନ୍ତି । ଆଜି ସକାଳେ ଏହା ଜଣାପଡ଼ିବା ପରେ ସମଗ୍ର ଅଂଚଳରେ ଜନଅସନ୍ତୋଷ ପ୍ରକାଶ ପାଇଛି । ଅଭିଯୋଗ ପାଇ ନିକିରାଇ ଥାନା ପୋଲିସ ଘଟଣାସ୍ଥଳରେ ପହଂଚିବା ସହିତ ଏହି ଚୋରିର ଖୋଳତାଡ଼ ଆରମ୍ଭ କରିଛନ୍ତି । ହେଲେ ସଂପୃକ୍ତ ଚୋରଙ୍କର କୌଣସି ସନ୍ଧାନ ମିଳିପାରି ନାହିଁ।

## ଜଳିଗଲା ଦୁଇ ବଖରା

ସୋର,୨୨।୧୨: ଏକ୍ସପ୍ରେସ୍ ନ୍ୟୁଜ୍

ସୋର ବ୍ଲକ ଜଡିଦା ପଞ୍ଚାୟତ ଆଡିଆ ଗ୍ରାମରେ ରୋଷେଇ ନିଆଁରୁ ଅଗ୍ନିକାଣ୍ଡ ଘଟି ଦୁଇ ବଖରା ଘର ଜଳି ଯିବା ସହିତ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡି ଯାଇଛି। ସୂଚନା ଅନୁସାରେ ଗ୍ରାମର ଯୁଧିଷ୍ଠିର ମହାନ୍ତିଙ୍କ ଘରେ ପୂର୍ବାହ୍ନରେ ରୋଷେଇ କରାଯାଉଥିବା ବେଳେ ଅସାବଧାନତା ବଶତ ଘରେ ନିଆଁ ଲାଗିଯାଇଥିଲା। ଏହା ଦେଖି ସ୍ଥାନୀୟ ଲୋକେ ନିଆଁକୁ ଆୟତ୍ତ କରିବା ସହିତ ସୋର ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗର ଏକ ଦମକଳ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କିନ୍ତୁ ଦମକଳ ଘଟଣାସ୍ଥଳରେ ପହଞ୍ଚିବା ସତ୍ତ୍ୱେ ଅଣଓସାରିଆ ରାସ୍ତା ପାଇଁ ଗ୍ରାମ ମଧ୍ୟକୁ ପ୍ରବେଶ କରି ପାରି ନ ଥିଲା। ଦୀର୍ଘ ସମୟପରେ କଷ୍ଟରେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

## କେନ୍ଦ୍ରାପଡା ପୁସ୍ତକ ମେଳା ପୁରସ୍କାର ପାଇବେ ମାତୃଦତ୍ତ ଓ ସଂଗ୍ରାମ

କେନ୍ଦ୍ରାପଡ଼ା,୨୨।୧୨
ଏକ୍ସପ୍ରେସ୍ ନ୍ୟୁଜ୍

ଆଗାମୀ ୨୩ତମ ରାଜ୍ୟସ୍ତରୀୟ କେନ୍ଦ୍ରାପଡା ପୁସ୍ତକ ମେଳା ୨୦୨୬ ନିମନ୍ତେ ପଦତ୍ତ ସାରସ୍ୱତ ପୁରସ୍କାର ଘୋଷଣା କରାଯାଇଛି । ମାଧପୁର ସ୍ଥିତ କାର୍ଯ୍ୟାଳୟ ପରିସରରେ ଆୟୋଜକ କେନ୍ଦ୍ରାପଡା ଇଭେଣ୍ଟ ମ୍ୟାନେଜମେଣ୍ଟ ପକ୍ଷରୁ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ସର୍ବସମ୍ମତି କ୍ରମେ ୫୦ବର୍ଷରୁ କମ ବୟସ ବର୍ଗରୁ ସୁପରିଚିତ ଯୁବକ କବି ଓ କଥାକାର ମାତୃଦତ୍ତ ମହାନ୍ତିଙ୍କୁ ପୁସ୍ତକମେଳା ଯୁବ ସାହିତ୍ୟ ପୁରସ୍କାର ପ୍ରଦାନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି । ସେହିପରି ୩୫ବର୍ଷରୁ କମ ତରୁଣ ବର୍ଗରେ କବି ସଂଗ୍ରାମ ମହାରଣାଙ୍କୁ ନବ ସୁଜନ ପୁରସ୍କାର ପ୍ରଦାନ କରାଯିବ । ୨୩ତମ ପୁସ୍ତକ ମେଳାର ଉଦ୍‌ଯାପନୀ ସନ୍ଧ୍ୟା ଜାନୁୟାରୀ ୧୩ତାରିଖରେ ଉଭୟଙ୍କୁ ମାନପତ୍ର, ଉତ୍ତରୀୟ ସହ ପ୍ରତ୍ୟେକଙ୍କୁ ୫ହଜାର ଅର୍ଥରାଶି ପ୍ରଦାନ କରାଯିବ । ସମକାଳିନ କଥା ସାହିତ୍ୟରେ ୧୯୭୮ମସିହାରେ ଜନ୍ମିତ ମାତୃଦତ୍ତ ମହାନ୍ତି ଆଦ୍ୟବଧି ପାଞ୍ଚଗୋଟି ଗଳ୍ପ ପୁସ୍ତକ ଓ ଦୁଇଟି କବିତା ସୁଜନର ଶ୍ରଷ୍ଟାଭାବେ ପାଠକପ୍ରିୟତା ଅର୍ଜନ କରିଛନ୍ତି । ଏଥି ସହିତ ଦୀର୍ଘ ଦୁଇ ଦଶନ୍ଧିରୁ ଉର୍ଦ୍ଧ କାଳ ଧରୀ ଜଣେ ସୁଦକ୍ଷ ସାମ୍ବାଦିକ ଭାବେ ପରିଚୟ ଲାଭ କରିଛନ୍ତି। ସେହିପରି ନବସୁଜନ ପୁରସ୍କାର ନିମନ୍ତେ ମନୋନୀତ ହୋଇଥିବା ୧୯୯୪ମସିହାରେ ସଂଗ୍ରାମ ମହାରଣା ଅଦ୍ୟାବଧି ଗୋଟିଏ କବିତା ସଂକଳନ ସହ ସାମାଜିକ ଗଣମାଧ୍ୟମରେ ଯୁବପିଢିଙ୍କ ମଧ୍ୟରେ ଆଦୃତ୍ତି ଲାଭ କରିଛନ୍ତି । ଜାନୁୟାରୀ ୬ରୁ ୧୩ତାରିଖ ମଧ୍ୟରେ ମହିପାଳ ଟେଲିକମ ଗ୍ରାଉଣ୍ଡରେ ଅନୁଷ୍ଠିତ ହେବାକୁ ଥିବା ପୁସ୍ତକ ମେଳା ନିମନ୍ତେ ଅଗ୍ରିମ ଷ୍ଟଲ ବୁକିଂ ନିମନ୍ତେ ୯୪୩୭୧୨୮୩୪୮ ବା ୯୮୬୧୩୫୮୩୧୦ରେ ଯୋଗାଯୋଗ କରିବାକୁ କେମ ପକ୍ଷରୁ ସୂଚନା ପ୍ରଦାନ କରଯାଇଛି । ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ଉକ୍ତ ବୈଠକରେ ପୁସରସ୍କାର ଚୟନ କମିଟିର ଚୟନ କମିଟିର ସଦସ୍ୟଙ୍କ ସହିତ ମୁଖ୍ୟ ଉପଦେଷ୍ଟା ଡ, ବିରଜା ରାଉତରାୟ, ସଭାପତି ଅକ୍ଷୟ କୁମାର ପାଣି, ସମ୍ପାଦକ ମହମ୍ମଦ ଜାହିଦ ଖାଁ, ବରିଷ୍ଠ ସଦସ୍ୟା ନବଜ୍ୟୋତି ରାୟ, ବଂଶୀଧର ମହାନ୍ତି, ପ୍ରତାପ ସ୍ୱାଇଁ, ସରୋଜକାନ୍ତ ସାହୁ, ସୌମ୍ୟରଞ୍ଜନ ପଟ୍ଟନାୟକ, ହିମାଂଶୁ ଦାସ, ନୃସିଂହ ଚରଣ ତ୍ରିପାଠୀ, ସାଗର ଜେନା, ଲକ୍ଷ୍ମୀକାନ୍ତ ନାୟକ, ପ୍ରଫୁଲ୍ଲ ଜେନା, ତାରେଣୀ ପଟ୍ଟଯୋଶୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ପ୍ରଥମ ପୃଷ୍ଠାରୁ...

### ୧ରୁ କଡ଼ାକଡ଼ି...

ଦେଖିଲେ ପରିବେଶ ସୁରକ୍ଷା ପାଇଁ ସମସ୍ତେ ଆଗେଇ ଆସନ୍ତୁ ବୋଲି ପରିବହନ ଆୟୁକ୍ତ ଅନୁରୋଧ କରିଛନ୍ତି। ସୂଚନାଯୋଗ୍ୟ, ରାସ୍ତାରେ ଚାଲୁଥିବା ବିଏସ୍-୪, ବିଏସ୍-୬ ସମେତ ସମସ୍ତ ପେଟ୍ରୋଲ, ଡିଜେଲ ମୋଟରଯାନ ପାଇଁ ବୈଧ ପ୍ରଦୂଷଣ ପ୍ରମାଣପତ୍ର ଆବଶ୍ୟକ। ମୋଟର ଯାନ ଆଇନ ଅନୁଯାୟୀ ଏହାର ବୈଧତା ନିର୍ଦ୍ଧାରିତ ହୋଇଛି। ଏହି ପ୍ରଦୂଷଣ ପ୍ରମାଣପତ୍ର ଯାଞ୍ଚ ପାଇଁ ରାଜ୍ୟର ସମସ୍ତ ଟୋଲଗେଟରେ ଇ-ଡିଟେକ୍ସନ ବ୍ୟାବସ୍ଥାରେ ମଧ୍ୟ ଏହାକୁ ଅନ୍ତର୍ଭୁକ୍ତ କରାଯାଇଛି।

### ଏବେ ପୂରଣ...

ସହିତ ସମସ୍ତ ପ୍ରକଳ୍ପକୁ ସମୟସୀମା ମଧ୍ୟରେ ସମାପ୍ତ କରିବା ସହଜ ନୁହେଁ ଏବଂ ଏଥିପାଇଁ କେନ୍ଦ୍ର ସରକାରଙ୍କ ସମର୍ଥନ ଆବଶ୍ୟକ। ମନ୍ତ୍ରୀ ବିଜୟବର୍ଗୀୟଙ୍କ ବୟାନ ପରେ, ବିରୋଧୀ ସିଧାସଳଖ ସରକାରଙ୍କୁ ଆକ୍ରମଣ କରିଛନ୍ତି। କଂଗ୍ରେସ ମୁଖପାତ୍ର ଅଭିନବ ବାରୋଲିଆ କହିଛନ୍ତି ଯେ, ବିଜେପି ସରକାର ବଡ଼ ବଡ଼ ପ୍ରତିଶ୍ରୁତି ଏବଂ ଘୋଷଣା ସହିତ କ୍ଷମତାକୁ ଆସିଥିଲା। କିନ୍ତୁ ଏବେ ଦଳ ଜନସାଧାରଣଙ୍କୁ ଦେଇଥିବା ପ୍ରତିଶ୍ରୁତି ପୂରଣ କରିବାରେ ଅସମର୍ଥ। ଏହା 'ମୋଦୀଙ୍କ ଗ୍ୟାରେଣ୍ଟି' ଉପରେ ଏକ ପ୍ରଶ୍ନ ବୋଲି କହି ସେ କହିଛନ୍ତି ଯେ, ମନ୍ତ୍ରୀଙ୍କ ବୟାନ ସ୍ପଷ୍ଟ ଭାବରେ ଦର୍ଶାଉଛି ଯେ ସରକାର ଏବେ ଜନସାଧାରଣଙ୍କୁ ମୌଳିକ ସୁବିଧା ଯୋଗାଇବାରେ ଅସମର୍ଥ। ନିର୍ବାଚନ ସମୟରେ ଦିଆଯାଇଥିବା ପ୍ରତିଶ୍ରୁତି ଏବଂ ବାସ୍ତବତା ମଧ୍ୟରେ ଏକ ବିରାଟ ପାର୍ଥକ୍ୟ ରହିଛି।

### ୨୪ ଏନଏସି...

ଏ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ସେହିପରି ୫ ନୂଆ ମ୍ୟୁନିସିପାଲଟି ପାଇଁ ରାଜ୍ୟ ସରକାର ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ସେଗୁଡ଼ିକ ହେଲା ବୌଦ୍ଧ ଜିଲ୍ଲାର ବୌଦ୍ଧଗଡ, ଗଞ୍ଜାମ ଜିଲ୍ଲାର ଭଞ୍ଜନଗର, କବିସୂର୍ଯ୍ୟନଗର, ପୋଲସରା ଏବଂ ମୟୂରଭଞ୍ଜ ଜିଲ୍ଲାର କରଞ୍ଜିଆ ନୂଆ ମ୍ୟୁନିସିପାଲଟି ପାଇଁ ଚୁଡାନ୍ତ ବିଜ୍ଞପ୍ତି ରାଜ୍ୟ ସରକାର ପ୍ରକାଶ କରିଛନ୍ତି।

### ପ୍ରେମିକ ସହ...

ଆସିଥିଲା। ତଦନ୍ତ ପରେ ରୁବି ତା' ପ୍ରେମିକ ଅଭିଷେକ ଏବଂ ଅନ୍ୟ ଜଣେ ଯୁବକ ଗୌରବକୁ ଅଟକ ରଖାଯାଇଥିଲା। ଅଭିଯୁକ୍ତଙ୍କ ସୂଚନା ପରେ ପୋଲିସ ଘରୁ ଏକ କାଠ ପଟା, ଏକ ସ୍କୁଟର, ଏକ ବ୍ୟାଗ, ଏକ ଟଏଲେଟ୍ ବ୍ରଶ୍, ଏକ ଲୁହା ରଡ୍ ଏବଂ ଇଲେକ୍ଟ୍ରିକ୍ ହିଟର୍ ଉଦ୍ଧାର କରିଥିଲା। ଏହି ମାମଲାରେ ସବୁଠାରୁ ଆଶ୍ଚର୍ଯ୍ୟଜନକ ଖୁଲାସା ମୃତକଙ୍କ ୧୦ ବର୍ଷର ଝିଅ କରିଛି। ତାଙ୍କ ବାପା-ମାଆଙ୍କ ମଧ୍ୟରେ ସବୁ ବେଳେ ଝଗଡ଼ା ହେଉଥିଲା। ଗୌରବ ଏବଂ ଅଭିଷେକ ନାମକ ଦୁଇ ଜଣ ଲୋକ ଘରକୁ ଆସୁଥିଲେ। ସେମାନେ ତାଙ୍କ ପାଇଁ ଚକୋଲେଟ୍ ଏବଂ ଖାଦ୍ୟ ଆଣୁଥିଲେ ବୋଲି ଝିଅଟି କହିଛି। ରାହୁଲଙ୍କ ଝିଅ ଆହୁରି କହିଛି, 'ଅଭିଷେକ କହୁଥିଲା କେବଳ କିଛି ମାସର କଥା, ତା'ପରେ ମୋ ବାପା ଚାଲିଯିବେ।' ଝିଅଟି କହିଛି, ଘଟଣା ଦିନ ସେ ଏବଂ ତାଙ୍କ ଭାଇ ସ୍କୁଲରେ ଥିଲେ। ଯେତେବେଳେ ସେମାନେ ଏହି ଲୋକମାନଙ୍କୁ ଘରକୁ ଆସିବାକୁ ବାରଣ କରିବାକୁ ଚେଷ୍ଟା କରୁଥିଲେ, ତାଙ୍କ ମା ସେମାନଙ୍କୁ ଧମକ ଦେଉଥିଲେ। ଝିଅଟି କାନ୍ଦି କାନ୍ଦି କହିଛି, 'ମୋ ବାପାଙ୍କ ସହିତ ଏପରି କରିଥିବା ମୋ ମା' ଏବଂ ଅନ୍ୟମାନଙ୍କୁ ଫାଶୀ ଦିଆଯିବା ଦରକାର।' ପୋଲିସ ଏବେ ଶରୀରର ଅବଶିଷ୍ଟ ଅଂଶ ଉଦ୍ଧାର କରିବାକୁ ଚେଷ୍ଟା ଜାରି ରଖିଛି।

### ଜାଗା ସୀମା...

ଫଳରେ ଶହଶହ ବର୍ଷଧରି ପୈତୃକ ଜାଗାରେ ଘର କରିଥିବା ଲୋକେ ହଇରାଣ ହୋଇ ଥାନା, ତହସିଲ ଓ ଅଦାଲତର ଦ୍ୱାରସ୍ଥ ହେଉଛନ୍ତି । ଅନେକ ସ୍ଥାନରେ ବାହାର ରାଜ୍ୟକୁ ଦାଦନ ଖଟି ଯାଇଥିବା ଲୋକ ମଧ୍ୟ ନିଜ ଜାଗା ବଂଚାଇବାକୁ ଯାଇ ବିଭିନ୍ନ ଦିଗରୁ ହଇରାଣ ହୋଇଥିବା ନଜରି ରହିଥିବା ବେଳେ କେତେକ ଅପରାଧିକ ମାମଲାରେ ଛନ୍ଦି ହୋଇ ଜେଲ ଯିବା ଦେଖିବାକୁ ମିଳିଛି । ଏପରିଭାବେ ପଟ୍ଟାମୁଣ୍ଡାଇ ଅଂଚଳର ହାଜାରହଜାର ଜନସାଧାରଣ ଜାଗାବାଡି ମାମଲାରେ ଛନ୍ଦି ହୋଇ ଆର୍ଥିକ, ମାନସିକ ସ୍ତରରେ ଦୁର୍ବଳ ହେବାଲାଗିଛନ୍ତି । ବହୁ ଗରିବ ଲୋକଙ୍କ ପରିବାର ପ୍ରତିପୋଷଣରେ ବାଧା ଉପୁଜୁଛି । ଏପରି ଭାବେ ସାଧାରଣ ଲୋକେ ଛନ୍ଦି ହୋଇପଡିଛନ୍ତି । ଯାହା ସରକାରଙ୍କ ବିକଶିତ ଭାରତ ଯୋଜନାକୁ ପତିରୋଧ କରିପାରେ ବୋଲି ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ବାଚି ସୃଷ୍ଟିକରୁଛି । ଏହି ହାଲ ସାବିକ ମାପଚୁପ ଓ ଅନଭିଜ୍ଞ ଅମିନଙ୍କ ସମ୍ପର୍କରେ କେନ୍ଦ୍ରାପଡା ଉପ ଜିଲାପାଳ ଅରୁଣ କୁମାର ନାୟକଙ୍କୁ ପଚାରିବାରେ ଯେଉଁ ଅମିନ କାର୍ଯ୍ୟରତ ଅଛନ୍ତି ସେମାନଙ୍କ ଦ୍ୱାର ଚଳାଇବାକୁ ପଡୁଛି । ଅନ୍ୟପକ୍ଷରେ ନୁଆ ପୁରୁଣା ନକ୍ସା ଏବେ ତହସିଲରେ ସଂଶୋଧନ କରାଇପାରିବେ।

### ପ୍ରୋତ୍ସାହନ...

ଉପସ୍ଥାପନା କରାଯାଉଛି । ସେହିପରି ରାଜ୍ୟ ଓ ଜିଲା କୃଷି ବଜେଟରେ ଅଧିକ ଅର୍ଥ ଦିଆଯାଉଛି ବୋଲି ପ୍ରଚାର ଚାଲିଛି। ବାସ୍ତବରେ କୃଷି ବଜେଟ ଅର୍ଥ ତୃଣମୂଳସ୍ତରରେ ପହଂଚି ପାରୁଛି କି ନାହିଁ, ତନଖି ପାଇଁ କହାରି ମଧ୍ୟ ଆଗ୍ରହ ନାହିଁ । ଉପଯୁକ୍ତ ଭିତିଭୂମୀ ଥିବାରୁ ଏହି ଚାଷକୁ ଗୁରୁତ୍ୱ ଦିଆଗଲେ ଖାଇବା ତେଲରେ ସ୍ୱାବଲମ୍ବୀ ହେବା ସହିତ ଉତ୍ପାଦ ବାହାରକୁ ପଠାଇ ହେବ ବୋଲି ସେମାନେ କହିଛନ୍ତି । ଏସମ୍ପର୍କରେ କୃଷି ବିକାଶ କେନ୍ଦ୍ର ବରିଷ୍ଠ ବୈଜ୍ଞାନିକ ଡ. ପ୍ରଭଞ୍ଜନ ମିଶ୍ର କହିଛନ୍ତିଯେ, ଧାନ ଚାଷ ସହିତ ତୈଳବୀଜ ଚାଷ ହେଉଥିବାରୁ ଏହାକୁ ପ୍ରାଧାନ୍ୟ ମିଳି ପାରୁନାହିଁ। ସ୍ୱତନ୍ତ୍ର ଯୋଜନାରେ ତୈଳବୀଜ ଚାଷକୁ ଗୁରୁତ୍ୱ ଦିଆଗଲେ ଏହାର ଉତ୍ପାଦନ ଆଶାତୀତ ହୋଇପାରିବ।

### ନକ୍ସଲଙ୍କ...

କରାଯାଇଥିଲା। ସଂପୂର୍ଣ୍ଣ ଅଂଚଳକୁ ଯବାନ ଘେରିବା ସହ କାରଖାନାକୁ ଧ୍ୱଂସ କରିଦେଇଥିଲେ। ଏହି ଖାରଖାନାରୁ ଯବାନ ୮ଟି ସିଙ୍ଗଲ ସଟ୍ ବନ୍ଧୁକ, ୧୨ ବୋର ବନ୍ଧୁକର ୧୫ଟି ଜୀବନ୍ତ ଗୁଳି, ୫ଟି ଇଲେକ୍ଟ୍ରି ଡିଟୋନେଟର, କୋଡେକ୍ସ ତାର, ୨ କିଲୋ ବିସ୍ଫୋଟକ,ବନ୍ଧୁକ ତିଆରି କରିବା ସମଗ୍ରୀ,ଏମୋନିଆ ନାଇଟ୍ରେଟ ଇତ୍ୟାଦି ଜବତ କରାଯାଇଥିଲା। ଏହିଠାରେ ନକ୍ସଲ ବନ୍ଧୁକ ନିର୍ମାଣ କରି ଅନ୍ୟ ନକ୍ସଲଙ୍କ ନିକଟକୁ ପହଞ୍ଚାଯାଉଥିଲା। ଏଥିସହ ବୋମା ମଧ୍ୟ ପ୍ରସ୍ତୁତ କରି ତାକୁ ସୁରକ୍ଷାକର୍ମୀଙ୍କ ବିରୋଧରେ ଉପଯୋଗ କରାଯାଇଥିଲା।




Printed & Published by **Gyanaranjan Behera** on behalf of Radhakrushna Publications Pvt. Ltd. and Printed at Ricky Promotors, Plot No.6709, M.I.E., Rasulgarh, Bhubaneswar-751010 and Published at **Janachetana Parisad Bhawan, At-Kajala, P.O/Dist -Kendrapara**, Pin-754211, Ph. : 9439698412, 9583706460

Editor : **Ambika Prasad Das** ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ Chief Editor : **Umapada Bose** ମୁଖ୍ୟ ସମ୍ପାଦକ : ଉମାପଦ ବୋଷ